ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.168 Bhubaneswar Wednesday, August 18, 2021 | ୨୪ତମ ବର୍ଷ ସଂଖ୍ୟା-୧୬୮ ଭୁବନେଶ୍ୱର, ବୁଧବାର, ଅଗଷ୍ଟ ୧୮, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS




ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳର ସଦସ୍ୟ/ସଦସ୍ୟା ଓ ପ୍ରଶିକ୍ଷକଙ୍କୁ ଭୁବନେଶ୍ୱରଠାରେ ସମ୍ବର୍ଦ୍ଧିତ କରିବା ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ହକି ଇଣ୍ଡିଆର ସଭାପତି ନରିନ୍ଦର ବାତ୍ରା

## ୧୦ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ ଓଡ଼ିଶା : ହକି ଖେଳାଳୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୭।୮(ପି.ଏନ): ଆଗାମୀ ୧୦ ବର୍ଷ ପାଇଁ ଭାରତୀୟ ହକି ଦଳର ପ୍ରାୟୋଜକ ରହିବ ଓଡ଼ିଶା । ଏ ନେଇ ମଙ୍ଗଳବାର ଲୋକସେବା ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।ଲୋକସେବା ଭବନରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟମନ୍ତ୍ରୀ ଭାରତୀୟ ମହିଳା ଓ ପୁରୁଷ ହକି ଦଳକୁ ପୁରସ୍କୃତ କରିବା ସହ ହକି ଇଣ୍ଡିଆ ସଭାପତିଙ୍କୁ ୫୦ ଲକ୍ଷ ଟଙ୍କାର ଅର୍ଥରାଶି ପୁରସ୍କାର ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।ଗୋଲ ରକ୍ଷା ପାଇଁ ଗୋଲକିପର ସବିତା ପୁଣିଆଙ୍କୁ ୫ ଲକ୍ଷ, ବେଷ୍ଟ ଡିଫେଣ୍ଡର ଭାବେ ଦୀପଗ୍ରେସ ଏକ୍କାଙ୍କୁ ୫ ଲକ୍ଷ, ସୁଶୀଳା ଚାନୁଙ୍କୁ ୫ ଲକ୍ଷ, ଗୋଲ ଆସିଷ୍ଟ ପାଇଁ ରାଣୀ ରାମପାଲ ଓ ନବନିତ କୌରଙ୍କୁ ୫ ଲକ୍ଷ। ଗୁରଜିତ କୌର ଏବଂ ବନ୍ଦାଣ କାଟେରିଆଙ୍କୁ ସର୍ବାଧିକ ଗୋଲ ପାଇଁ ୫ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଛି ।ସେହିପରି ଅଧିକ ଗୋଲ ରକ୍ଷା କରିଥିବାରୁ ଶ୍ରୀଜେସଙ୍କୁ ୫ ଲକ୍ଷ ପ୍ରଦାନ କରାଯାଇଛି। ଡିଫେନ୍ସ ପାଇଁ ରୂପିନ୍ଦର ପାଲଙ୍କୁ ୫ଲକ୍ଷ, ହରମନ ପ୍ରୀତ ସିଂହଙ୍କୁ ସର୍ବାଧିକ ଗୋଲ ଓ ମିଡ ଫିଲଡ଼ରେ ଭଲ ପାଇଁ ୧୦ ଲକ୍ଷ ଓ ମିଡ ଫିଲ୍ଡରେ ଭଲ ପ୍ରଦର୍ଶନ ପାଇଁ ଅମିତ ରୋହିଦାସଙ୍କୁ ୫ ଲକ୍ଷ ପ୍ରଦାନ କରାଯାଇଛି। ଏଥିସହ ପ୍ରତ୍ୟେକ ମହିଳା ଖେଳାଳିଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ପୁରସ୍କାର ଓ ଦଳର ସହଯୋଗୀ କାର୍ଯ୍ୟକର୍ତ୍ତାଙ୍କୁ ୫ ଲକ୍ଷ ଲେଖାଏଁ ପ୍ରଦାନ କରାଯାଇଛି ।ସେପଟେ ଅଭୂତପୂର୍ବ ସ୍ୱାଗତରେ ଅଭିଭୂତ ହେବା ପରେ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି ହକି ଖେଳାଳି ।

## ଅଗଷ୍ଟ ୨୦ ଯୁକ୍ତ ୩ ନାମଲେଖା ପାଇଁ ଆବେଦନ

ଭୁବନେଶ୍ୱର, ୧୭।୮(ପି.ଏନ): ଯୁକ୍ତ ୩ ନାମଲେଖା ପାଇଁ ଆସନ୍ତା ଅଗଷ୍ଟ ୨୦ ତାରିଖରୁ ଆବେଦନ ଆରମ୍ଭ ହେବ। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଅଗଷ୍ଟ ୨୦ ତାରିଖ ସକାଳ ୧୧ଟାରୁ ଛାତ୍ରଛାତ୍ରୀମାନେ ଅନଲାଇନ୍ ଆବେଦନ କରିପାରିବେ। ସେପ୍ଟେମ୍ବର ୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଆବେଦନ କରିହେବ। ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ଡିଏଚଇ ଡଟ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ଓ ଡବ୍ଲୁଡବ୍ଲୁଡବ୍ଲୁ ଡଟ୍ ସାମସ୍ ଓଡିଶା ଡଟ୍ ଜିଓଭି ଡଟ୍ ଇନ୍ ରେ ଲଗଇନ୍ କରି ଆବେଦନ କରିହେବ। ସେପ୍ଟେମ୍ବର ୯ ତାରିଖ ସକାଳ ୧୧ଟାରେ ପ୍ରଥମ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ସେପ୍ଟେମ୍ବର ୯ରୁ ୧୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଯାଏଁ ସାମ୍ସ ପୋର୍ଟାଲରେ ଅନଲାଇନ୍ ଫି ଦାଖଲ କରିପାରିବେ ଛାତ୍ରଛାତ୍ରୀ। ଏହାପରେ ପ୍ରଥମ ପର୍ଯ୍ୟାୟର ଆଡମିଶନ୍ ପ୍ରକ୍ରିୟା ସେପ୍ଟେମ୍ବର ୧୬ ତାରିଖରେ ଶେଷ ହେବ। ସେହିପରି ସେପ୍ଟେମ୍ବର ୨୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଦ୍ୱିତୀୟ ମେରିଟ୍ ଲିଷ୍ଟରେ ଯେଉଁ ଛାତ୍ରଛାତ୍ରୀମାନଙ୍କ ନାମ ଥିବ, ସେମାନେ ୨୧ରୁ ୨୪ ତାରିଖ ମଧ୍ୟରେ ସାମ୍ସ ପୋର୍ଟାଲ୍ ମାଧ୍ୟମରେ ଅନ୍‌ଲାଇନ୍ ରେ ଆଡ୍‌ମିଶନ୍ ଫି' ଦାଖଲ କରିବେ।

## ଗୋଟିଏ ଦିନରେ ୭୨୦ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭।୮(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୭୨୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୯୬୧୫୩ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୭୯୪୦୭ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ସଂଖ୍ୟା ୯୬୭୨ ରହିଛି । ଆଜି ଚିହ୍ନଟ ହୋଇଥିବା ୭୨୦ ଜଣଙ୍କ ମଧ୍ୟରୁ ୪୨୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୭ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୨୭୯ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିଭଳି ଅନୁଗୋଳ ଜିଲ୍ଲାରୁ ୧୫, ବାଲେଶ୍ୱରରୁ ୧୯, ବରଗଡ଼ରୁ ୨, ଭଦ୍ରକ୍ ରୁ ୨୨, ବଲାଙ୍ଗୀରରୁ ୪, ବୌଦ୍ଧରୁ ୧, କଟକରୁ ୯୧, ଦେବଗଡରୁ ୫, ଢେଙ୍କାନାଳରୁ ୧୫, ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୫ ଜଗତସିଂହପୁରରୁ ୩୩, ଯାଜପୁରରୁ ୨୮, ଝାରସୁଗୁଡାରୁ ୩, କଳାହାଣ୍ଡିରୁ ୫, କନ୍ଧମାଳରୁ ୯, କେନ୍ଦ୍ରାପଡ଼ାରୁ ୧୨, କେନ୍ଦୁଝରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଧା ଜିଲ୍ଲାରୁ ୨୭୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କୋରାପୁଟରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମାଲକାନାଗିରିରୁ ୪, ମୟୂରଭଞ୍ଜରୁ ୨୯ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧, ନୟାଗଡରୁ ୧୮ , ନୂଆପଡାରୁ ୨, ପୁରୀରୁ ୧୬, ରାୟଗଡାରୁ ୮, ସମ୍ବଲପୁରରୁ ୬, ସୁବର୍ଣ୍ଣପୁରରୁ ୩, ସୁନ୍ଦରଗଡରୁ ୧୧ ଓ ଷ୍ଟେଟପୁଲରୁ ୬୦ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ରାଜ୍ୟ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

## ଓଡିଶା ଛୁଇଁଲା ଲଘୁଚାପ, ୨ ଦିନ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୧୭।୮(ପି.ଏନ): ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଗତକାଲି ସୃଷ୍ଟି ହୋଇଥିବା ଲଘୁଚାପ ଆଜି ଓଡ଼ିଶା ଉପକୂଳ ସ୍ପର୍ଶ କରିଛି । ଏହାର ପ୍ରଭାବରେ ଗତ କାଲି ରାତିଠାରୁ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନ ଓ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ରେକର୍ଡ କରାଯାଇଛି ।ଲଘୁଚାପ ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବା ନେଇ ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, କଟକ, କନ୍ଧମାଳ, ମାଲକାନଗିରି, କୋରାପୁଟ, ଜଗତସିଂହପୁର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟିସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନାରହିଛି। ଏହି ସମୟ ମଧ୍ୟରେ ପୁରୀ, ବୌଦ୍ଧ, ଯାଜପୁର, ଭଦ୍ରକ, ଢ଼େଙ୍କାନାଳ, କେନ୍ଦୁଝର, ରାୟଗଡ଼ା, ଗଜପତି, ବାଲେଶ୍ୱର, ନୂଆପଡ଼ା, ନବରଙ୍ଗପୁର, ଅନୁଗୁଳ ଓ କଳାହାଣ୍ଡି ଆଦି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ୧୮ରୁ ୧୯ ତାରିଖ ମଧ୍ୟରେ ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ସୁବର୍ଣ୍ଣପୁର, ଅନୁଗୁଳ, ନୂଆପଡ଼ା ଓ ବଲାଙ୍ଗୀର ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏଥିପାଇଁ ଉକ୍ତ ଜିଲ୍ଲାଗୁଡ଼ିକୁ ବି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

## ପୁଣି ଚାଲିବ ପୁରୀ-ଦୁର୍ଗ ,ଭୁବନେଶ୍ୱର-ନୟାଗଡ଼ ଟ୍ରେନ

ଭୁବନେଶ୍ୱର, ୧୭।୮(ପି.ଏନ): ଯାତ୍ରୀମାନଙ୍କ ସୁବିଧା ପାଇଁ, ପୁରୀ-ଦୁର୍ଗ-ପୁରୀ ସ୍ପେଶାଲ ଏବଂ ଭୁବନେଶ୍ୱର-ନୟାଗଡ଼ ଟାଉନ-ଭୁବନେଶ୍ୱର ସ୍ପେଶାଲର ସେବା ପୁନଃ ଚଳାଚଳ କରିବାକୁ ନିଷ୍ପତି ନିଆଯାଇଛି। ୦୮୪୨୫/ ୦୮୪୨୬ ପୁରୀ-ଦୁର୍ଗ-ପୁରୀ ସ୍ପେଶାଲ୍ ପୁରୀରୁ ୨୧ ଅଗଷ୍ଟ ଠାରୁ ଏବଂ ଦୁର୍ଗ ରୁ ୨୨ ଅଗଷ୍ଟ ଠାରୁ ପରବର୍ତ୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ ।ସେହିପରି ୦୮୪୨୩/ ୦୮୪୨୪ ଭୁବନେଶ୍ୱର-ନୟାଗଡ଼ ଟାଉନ୍-ଭୁବନେଶ୍ୱର ସ୍ପେଶାଲ୍ ୩୧





ୱାଲିଟିୟର ଡିଭିଜନର ଡିଆରଏମ୍ ଶ୍ରୀ ଅନୁପ ଶତପଥୀ, ଶ୍ରୀମତୀ ଶତପଥୀ, ରେଳ ବିଭାଗର ବରିଷ୍ଠ ପଦାଧିକାରୀ ଓ କର୍ମକର୍ତ୍ତାଙ୍କ ଦ୍ୱାରା ୭୫ତମ ସ୍ୱାଧୀନତା ଦିବସ ପାଳିତ

## ରାଜଧାନୀରେ ୨୪ ଘଂଟାରେ ୨୩୫ ପଜିଟିଭ୍

ଭୁବନେଶ୍ୱର, ୧୭।୮(ପି.ଏନ): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ମଙ୍ଗଳବାର ଦିନ ଆଉ ୨୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୧ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୧୭୪ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୮୮ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି ।ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଓଲ୍ଡଟାଉନ୍ ରୁ ସର୍ବାଧିକ ୧୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ନୟାପଲ୍ଲୀ ଓଚନ୍ଦ୍ରଶେଖରପୁରରୁ ୮ ଜଣ ଲେଖାଏଁ, ବରମୁଣ୍ଡା , ସୁନ୍ଦରପଦା,ପଟିଆ ଓ ୟୁନିଟ ୮ରୁ ୭ ଜଣ ଲେଖାଏଁ ,ୟୁନିଟ ୩,ରୁ ୬ ଜଣ, ଶୈଳଶ୍ରୀବିହାର ରୁ ୫ ଜଣ , ଘାଟିକିଆ,ଆଚାର୍ଯ୍ୟବିହାର, ସିରିପୁର, ଟଙ୍କପାଣିରୋଡ୍ , ରସୁଲଗଡରୁ ୪ ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୪୨୯୫ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୦୧୫୫ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୧୪୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୯୭୭ କୁ ବୃଦ୍ଧି ପାଇଛି।

## ଦ୍ୱିତୀୟ ଲହର ସମ୍ପୂର୍ଣ୍ଣ ସରିନି : ଡିଏମଇଟି

ଭୁବନେଶ୍ୱର,୧୭।୮(ପି.ଏନ): ରାଜ୍ୟରେ ସଂକ୍ରମଣ ନିମ୍ନଗାମୀ ହେଉଛି। ଦ୍ୱିତୀୟ ଲହର ସରିଆସୁଛି, କିନ୍ତୁ ସମ୍ପୂର୍ଣ୍ଣ ସରିନି ବୋଲି ଡିଏମଇଟି ନିର୍ଦ୍ଦେଶକ ସି.ବି.କେ ମହାନ୍ତି କହିଛନ୍ତି ।ସେ ଆହୁରି କହିଛନ୍ତି ଯେ ପିଆଇବି ରିପୋର୍ଟ ଅନୁସାରେ ଶିଶୁଙ୍କ ସଂକ୍ରମଣ ୧୨ପ୍ରତିଶତ ପାଖାପାଖି ରହୁଛି। ଯେହେତୁ ଯୁବଗୋଷ୍ଠୀ ଓ ବୟସ୍କ ବର୍ଗ ସଂକ୍ରମିତ ହୋଇସାରିଛନ୍ତି ବା ଟିକା ନେଇସାରିଛନ୍ତି ସେଥିପାଇଁ ଶିଶୁଙ୍କୁ ଅଧିକ ସଂକ୍ରମଣର ଆଶଙ୍କା ରହୁଛି। ଶିଶୁ ସଂକ୍ରମଣ ତଥ୍ୟ ଉପରେ ସପ୍ତାହେ ନଜର ରଖିବା ପରେ ସ୍ଥିତି କେମିତି ଅଛି ଜଣାପଡ଼ିବ। ତେବେ ଶିଶୁ ଗୁରୁତର ହେବା ବହୁତ କମ ରହିଛି। ପ୍ରଥମ ଓ ଦ୍ୱିତୀୟ ଲହରରେ ଯେଉଁ ପଦକ୍ଷେପ ନିଆଯାଇଥିଲା, ତୃତୀୟ ଲହରରେ ବି ସମାନ ପଦକ୍ଷେପ ନିଆଯିବ। ଶିଶୁଙ୍କ ସୁରକ୍ଷା ଲାଗି ଅଧିକ ବ୍ୟବସ୍ଥା କରାଯାଇଛି। ଅପରପକ୍ଷରେ କଟକ ଏସସିବି ମେଡିକାଲରେ ଇକମୋ ମେସିନ ଇନଷ୍ଟଲେସନ ଚୂଡାନ୍ତ ପର୍ଯ୍ୟାୟରେ ପହଂଚିଛି। ଭଲ ଭାବେ ପରୀକ୍ଷା କରାଯିବା ପରେ ମେସିନ କାର୍ଯ୍ୟକ୍ଷମ ହେବ।






## ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ତଦନ୍ତ ଭାର ସିବିଆଇକୁ ଦିଆଯାଉ:ବାବୁ ସିଂ

ଭୁବନେଶ୍ୱର, ୧୭।୮(ପି.ଏନ): ଓଡିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସଏସସି)ର ଚାକିରୀ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ କରିବାକୁ ଦାବି କରିଛି ବିଜେପି। ଓଏସଏସସି ର ଦୁର୍ନୀତିରେ ବହୁ ପ୍ରଭାବଶାଳୀ ବ୍ୟକ୍ତି ସମ୍ପୃକ୍ତ ଥିବାରୁ ଏହାର ତଦନ୍ତ ଭାର ସିବିଆଇକୁ ଦେବା ଲାଗି ଏହି ପ୍ରସଙ୍ଗ ନେଇ ମଙ୍ଗଳବାର ଦିନ ଭୁବନେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଓଏସଏସସି କାର୍ଯ୍ୟାଳୟ ଘେରାଉ କରାଯାଇଛି। ପାଓ୍ୱାର ହାଉସ ଛକଠାରୁ ଏକି ବିଶାଳ ଶୋଭାଯାତ୍ରା ବାହାର କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି ଯେ ରାଜ୍ୟରେ ସରକାରୀ ନିଯୁକ୍ତି ଛାତ୍ରଛାତ୍ରୀଙ୍କ ମେଧା ପରିବର୍ତ୍ତେ ଟଙ୍କା କାରବାର ମୁଖ୍ୟ ଯୋଗ୍ୟତା ହୋଇଛି । ଓଡିଶା ଷ୍ଟାଫ ସିଲେକ୍ସନ କମିଶନ ବର୍ତ୍ତମାନ ଚାକିରୀ ବିକ୍ରି କମିଶନରେ ପରିଣତ ହୋଇସାରିଛି । ଟଙ୍କା ଦେଲେ ରାଜ୍ୟରେ ଚାକିରୀ ମିଳୁଛି । ଏହା ଫଳରେ ଅନେକ ଶିକ୍ଷିତଯୁବକ ଯୁବତୀଙ୍କ ଦକ୍ଷତା ଥାଇ ବି ସେ ଓଡିଶାରେ ଚାକିରୀ ନପାଇ ଅନ୍ୟ ରାଜ୍ୟକୁ ଦାଦନ ଖଟିବା ପାଇଁ ବାଧ ହେଉଛନ୍ତି । ଓଡିଶା ସରକାରେ ମୋ ସରକାର ୫-ଟି ସ୍ୱତନ୍ତ୍ର ବିଭାଗ ହେଲା ପରେ ରାଜ୍ୟରେ ଦୁର୍ନୀତି ବୃଦ୍ଧି ହୋଇଛି । ଏହି ବିଭାଗ ସମସ୍ତ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ଆଇନସିଦ୍ଧ କରି ଦୁର୍ନୀତିରେ ସଂପୃକ୍ତ ପ୍ରଶାସନ ଅଧିକାରୀ ଓ ଶାସକଦଳର ନେତାଙ୍କୁ ସୁରକ୍ଷା ଦେଉଛି । ବହୁଚର୍ଚ୍ଚିତ ବିରଂଚି ସାହୁଙ୍କ ପଛରେ ବହୁ ପ୍ରଭାବଶାଳୀ ତଥା ଧଳା ହାତୀଙ୍କ ପ୍ରତ୍ୟକ୍ଷ ହାତ ରହିଛି । ରାଜ୍ୟ ଷ୍ଟାଫ ସିଲେକ୍ସନ କମିଶନ ଦୁର୍ନୀତିର ଚେର ଲୋକସେବା ଭବନର ତୃତୀୟ ମହଲା ଯାଏଁ ବ୍ୟାପି ରହିଛି । ବିରଂଚି ସାହୁ ସାମ୍ନାକୁ ଆସିବା ପରେ ରାଜ୍ୟ ସରକାର ଘଟନାକୁ ଚାପି ଦେବା ପାଇଁ ସମସ୍ତ ପ୍ରକାରର କୌଶଳ ଆପଣାଇବା ଆରମ୍ଭ କରିଦେଇଛି । ଯିଏ ଏହି ଦୁର୍ନୀତି କରିଛି, ସେ କେମିତି ଏହାର ତଦନ୍ତ କରିବ ବୋଲି ଜିଲ୍ଲା ସଭାପତି ଶ୍ରୀ ସିଂ ପ୍ରଶ୍ନ କରିଛନ୍ତି ।ଏହି ଦୁର୍ନୀତିରେ ବହୁ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ସଂପୃକ୍ତି ଥିବାରୁ ଘଟଣାର ତଦନ୍ତ ଭାର ସିବିଆଇକୁ ଦିଆଯାଉ, ନଚେତ ଏକ ବିପ୍ଳବ ସଂଗଠିତ ହେବ ବୋଲି ଶ୍ରୀ ସିଂ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇ କହିଛନ୍ତି ।ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି, ଜିଲ୍ଲା ସାଧାରଣ ସଂପାଦକ ହିମାଂଶୁ ଶେଖର ଛୋଟରାୟ, ଅଭିଷେକ ଆଚାର୍ଯ୍ୟ, ଦିଲୀପ ବେହେରା, ନାରୀ ନେତ୍ରୀ ସୁବାଷିନୀ ପୃଷ୍ଟି, ଜିଲ୍ଲା ଉପସଭାନେତ୍ରୀ ମାନସୀ ରାୟ ପାଢୀ, ଶିବ ବେହେରା,ଯୁବମୋର୍ଚ୍ଚା ରାଜ୍ୟ ସଂପାଦକ ମନୋଜ ପଣ୍ଡିମକବାଟ, ଜିଲ୍ଲା ସଂପାଦକ ତାପସ ଦଳେଇ ପ୍ରମୁଖ ଯୋଗ ଦେଇଥିଲେ ।








# ଟି ଟାଇମ୍

## ଜୋକ୍ସ



ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ପୁରାଣ କାହାଣୀ

## ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜ୍ୱତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତ୍ରୁଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିା୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭି୍ନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଣ୍ଟ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯଣ୍ଟ୍ୟଟକଙ୍କ ଭିଡ। ଏହି ଉଦେଣ୍ଟ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଣ୍ଟ୍ୟରେ ସାହାଯଣ୍ଟ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଣ୍ଟ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଣ୍ଟ୍ୟତୀତ ଅନଣ୍ଟ୍ୟ ରାଜଣ୍ଟ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଣ୍ଟ୍ୟାରେ ପର୍ଯଣ୍ଟ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଣ୍ଟ୍ୟଟକଙ୍କ ବର୍ଦ୍ଧିତ ସଂଖଣ୍ଟ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଣ୍ଟ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଣ୍ଟ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଣ୍ଟ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଣ୍ଟ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଣ୍ଟ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଣ୍ଟ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଣ୍ଟ୍ୟଟକଙ୍କ ଭିଡକୁ ଲକ୍ଷଣ୍ଟ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଣ୍ଟ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଣ୍ଟ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଣ୍ଟ୍ୟତି ହେବି ନାହିଁ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଟ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଣ୍ଟ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଣ୍ଟ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଣ୍ଟ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଣ୍ଟ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଣ୍ଟ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଣ୍ଟ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ଜଷ୍ଟିସ ବୋବଡେଙ୍କ ବକ୍ତବ୍ୟ ଏବଂ ଆମ୍ବେଦକର ଓ ସଂସ୍କୃତ ଭାଷା ଉପରେ ବିତର୍କ

**••••••••••ଡ. ସମନ୍ୱୟ ନନ୍ଦ••••••••••**

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ଶରତ ବୋବଡେ ଡ. ଆମ୍ବେଦକରଙ୍କ ଜୟନ୍ତୀ ଦିନ ଏକ କାର୍ଯ୍ୟକ୍ରମରେ ଯୋଗଦେଇ





କହିଥିଲେ ଯେ ଭାରତରତ୍ନ ଡ. ଆମ୍ବେଦକର ଚାହୁଁଥିଲେ ଯେ ସଂସ୍କୃତ ଦେଶର ରାଜଭାଷା ହେଉ । ଏହାକୁ ନେଇ ସେ ଅନେକ ପ୍ରୟାସ କରିଥିଲେ । ହେଲେ ତାଙ୍କର ପ୍ରୟାସ ସଫଳ ହୋଇ ପାରି ନ ଥିଲା । ସେ ନାଗପୁର ସ୍ଥିତ ମହାରାଷ୍ଟ୍ର ଲ ୟୁନିଭର୍ସିଟିର ଏକାଡେମିକ ବିଲ୍ଡିଂର ଉଦ୍‌ଘାଟନ ଅବସରରେ ଉଦ୍‌ବୋଧନ ଅବସରରେ ସେ ଏହା କହିଛନ୍ତି ।

ନ୍ୟାୟମୂର୍ତ୍ତି ବୋବଡେ ଯାହା କହିଛନ୍ତି ତାହା ଅକ୍ଷରେ ଅକ୍ଷରେ ସତ୍ୟ । ହେଲେ ତାଙ୍କର ଏହି ବକ୍ତବ୍ୟ ପରେ ପୁଣି ଥରେ ସଂସ୍କୃତ ବିରୋଧୀ ତଥା ଭାରତ ବିରୋଧୀ ଲବି ସକ୍ରିୟ ହୋଇଯାଇଛି ଓ ଏହାକୁ ଭୁଲ ବୋଲି ପ୍ରମାଣିତ କରିବାକୁ ଯାଇ ବିଭିନ୍ନ ପ୍ରକାର ଅପପ୍ରଚାର ଆରମ୍ଭ କରି ଦେଲେଣି ।

ଏହି ଆଲେଖ୍ୟରେ ଆମେ ବାବା ସାହେବ ସଂସ୍କୃତକୁ କେତେ ଭଲ ପାଇଥିଲେ ତା' ଉପରେ ଆଲୋଚନା କରିବା। ଆମ୍ବେଦକରଙ୍କର ସଂସ୍କୃତ ଭାଷା ପ୍ରତି ଗଭୀର ପ୍ରେମ ଥିଲା । କିନ୍ତୁ ସେ ତଥାକଥିତ ଅସ୍ପୃଶ୍ୟ ବର୍ଗରେ ଜନ୍ମ ନେଇଥିବା କାରଣରୁ ତାଙ୍କୁ ସଂସ୍କୃତ ପଢିବାକୁ ଦିଆଯାଇ ନ ଥିଲା। ସଂସ୍କୃତରେ ପାରଙ୍ଗମ ହେବାକୁ ତାଙ୍କର ପ୍ରବଳ ଇଚ୍ଛା ଥିଲା। ପରବର୍ତ୍ତୀ ସମୟରେ ସେ ନିଜ ଚେଷ୍ଟାରେ ସଂସ୍କୃତ ଶିଖିଥିଲେ। ସଂସ୍କୃତର ଅପାର ଜ୍ଞାନ ଭଣ୍ଡାର ଓ ଉତ୍କୃଷ୍ଟ ସାହିତ୍ୟ ସମ୍ପର୍କରେ ତାଙ୍କର ଭଲ ଜ୍ଞାନ ଥିଲା ।

ଡ. ଆମ୍ବେଦକରଙ୍କର ସଂସ୍କୃତ ଶିଖିବା ଇଚ୍ଛା ସମ୍ପର୍କରେ ତାଙ୍କର ଜୀବନୀ ଲେଖକ ଧନଂଜୟ କୀର ଉଲ୍ଲେଖ କରିଛନ୍ତି। ସେ ଲେଖିଛନ୍ତି-ବାବାସାହେବ ଅନେକ ଥର କହୁଥିଲେ ଯେ ସଂସ୍କୃତ ଭାଷାର ଅଭିମାନ ଥିବା କାରଣରୁ ତାଙ୍କୁ ସଂସ୍କୃତ ଭାଷା ଭଲ ଭାବେ ଆସିବା ଦରକାର, ଏହି ଅଭିଳାଷ ତାଙ୍କର ରହିଥିଲା । ତେବେ ଦେଖିବାକୁ ପଡିବ ଏହି ସୁଦିନ କେବେ ଆସିବ! **(ଡ. ବାବାସାହେବ ଆମ୍ବେଦକର, ପୃଷ୍ଠା- ୨୨ ପରିଶିଷ୍ଟ ୧)**

ଖୁବ କମ୍ ଲୋକଙ୍କୁ ଜଣା ଯେ ସମ୍ବିଧାନ ସମିତିରେ ଜାତୀୟ ଭାଷା ଓ ରାଜ୍ୟ ବ୍ୟବହାର ପାଇଁ ଅଧିକୃତ ଭାଷା ସହିତ ସମ୍ପର୍କିତ ଅନୁଚ୍ଛେଦରୁ ସଂସ୍କୃତକୁ ଜାତୀୟ ଓ ରାଜ୍ୟ ବ୍ୟବହାରର ଭାଷା ଭାବେ ରଖିବା ପାଇଁ ସୁପାରିଶ କରାଯାଇଥିଲା। ଯେଉଁମାନେ ଏଭଳି ସୁପାରିଶ କରିଥିଲେ ସେମାନଙ୍କ ମଧ୍ୟରେ ଲକ୍ଷ୍ମୀକାନ୍ତ ମୈତ୍ର, ଟି.ଟି. କୃଷ୍ଣମାଚାରୀ, ଡା. ବାଳକୃଷ୍ଣ କେସକର (ତତ୍କାଳୀନ ବୈଦେଶିକ ଉପମନ୍ତ୍ରୀ), ପ୍ରୋଫେସର ନଜିରୁଦ୍ଦିନ ଅହମଦ, ଡ. ଆମ୍ବେଦକର ତଥା ମାଡ୍ରାସ, ତ୍ରିପୁରା-ମଣିପୁର-କୁର୍ଗ ପ୍ରାନ୍ତର ସଦସ୍ୟମାନେ ଥିଲେ।

ଯେତେବେଳେ ଏ ସମ୍ପର୍କରେ ସାମ୍ବାଦିକମାନେ ଡ. ଆମ୍ବେଦକରଙ୍କୁ ପଚାରିଥିଲେ ସେତେବେଳେ ସେ କହିଥିଲେ – ସଂସ୍କୃତରେ କ'ଣ ଦୋଷ ରହିଛି ? ପ୍ରୋ. ନଜିରୁଦ୍ଦିନ କହିଥିଲେ ଯେ-ଡବଲ୍ୟୁ ସି.ଟେଲର, ମ୍ୟାକ୍ସମୁଲର, ଉଇଲିୟମ ଜୋନ୍ସଙ୍କ ପରି ପାଶ୍ଚାତ୍ୟ ବିଦ୍ୱାନମାନଙ୍କୁ ଉଦ୍ଧୃତ କରି ସଂସ୍କୃତ ଭାଷାର ଅତୁଳନୀୟ ସମୃଦ୍ଧି ଓ ଶୁଦ୍ଧତା ସମ୍ପର୍କରେ କହି ଏହା ଲାଟିନ ଓ ଗ୍ରୀକ୍ ଭାଷା ଠାରୁ କେତେ ଶ୍ରେଷ୍ଠ, ତା'ର ପ୍ରମାଣ ଦେଇଥିଲେ।

ଏହି ଅବସରରେ ଲକ୍ଷ୍ମୀକାନ୍ତ ମୈତ୍ର ଏହି ସଂଶୋଧନକୁ ଜୋରଦାର ସମର୍ଥନ କରି ଆଉ ଏକ ପ୍ରସଙ୍ଗ ଉଠାଇଥିଲେ। ସେ କହିଥିଲେ ଯେ ହିନ୍ଦୀ ଭଳି କୌଣସି ବିଶିଷ୍ଟ ରାଜ୍ୟର ଭାଷାକୁ ଜାତୀୟ ଭାଷାର ମାନ୍ୟତା ପ୍ରଦାନ କଲେ ଅନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଯେଉଁ ସନ୍ଦେହ ଓ କଟୁତା ତିଆରି ହେବାର ଆଶଙ୍କା ରହିଛି, ସଂସ୍କୃତକୁ ଏହା ସ୍ଥାନରେ ରଖିଲେ ଉକ୍ତ ସନ୍ଦେହ ଓ କଟୁତାକୁ ଦୂର କରାଯାଇ ପାରିବ। ସଂସ୍କୃତକୁ ତା'ର ଉପଯୁକ୍ତ ମାନ୍ୟତା ଦେଇ ଆମେ ବିଶ୍ୱକୁ ଜଣାଇ ଦେଇପାରିବା ଯେ ଆମେ ଆମର ଅତୀତର ବୈଭବକୁ କେତେ ଆଦର ଓ ସମ୍ମାନ କରୁଛୁ ଏବଂ ସମଗ୍ର ବିଶ୍ୱକୁ ଆମର ପ୍ରାଚୀନ ସଂସ୍କୃତିର ଆଧ୍ୟାତ୍ମିକ ବାର୍ତ୍ତା ପ୍ରଦାନ ପାଇଁ ଇଚ୍ଛା କରୁଛୁ । ସଂସ୍କୃତକୁ ସ୍ୱୀକାର କରି ଆମେ ଭାବୀ ପୀଢୀର ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣ କରି ପାରିବା ।

ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଡ. ଆମ୍ବେଦକରଙ୍କ ଦ୍ୱାରା ସଂସ୍କୃତ ଭାଷା ସମ୍ପର୍କରେ ଅଣାଯାଇଥିବା ସଂଶୋଧନ ପ୍ରସ୍ତାବକୁ ସ୍ୱୀକାର କରାଯାଇ ନ ଥିଲା। ସଂସ୍କୃତ ଭାଷାକୁ କେବଳ ଅଷ୍ଟମ ଅନୁସୂଚୀରେ ଏକ ଭାରତୀୟ ଭାଷାର ମାନ୍ୟତା ଦିଆଯାଇଥିଲା।

ଡ. ଆମ୍ବେଦକରଙ୍କର ଇଚ୍ଛା ଥିଲା ଯେ ସଂସ୍କୃତକୁ ରାଷ୍ଟ୍ରଭାଷା କରିବା ବିଷୟରେ ୧୦ ଡିସେମ୍ବର ୧୯୪୯ରେ ତାଙ୍କର ସଂଗଠନ ଶେତକାରୀ କାମଗାର ସଙ୍ଗଠନର କାର୍ଯ୍ୟକାରୀ ମଣ୍ଡଳରେ ଏକ ପ୍ରସ୍ତାବ ଗୃହୀତ କରାଯାଉ। କିନ୍ତୁ ସେତେବେଳେ ବି.ପି. ମୌର୍ଯ୍ୟଙ୍କ ପରି ଯୁବ ସଦସ୍ୟମାନଙ୍କର ବିରୋଧ କାରଣରୁ ଏହା ସମ୍ଭବ ହୋଇପାରି ନ ଥିଲା। ଏହି ଘଟଣାର ଦୀର୍ଘଦିନ ପରେ ବି.ପି. ମୌର୍ଯ୍ୟ ଦୁଃଖ ପ୍ରକଟ କରି କହିଥିଲେ ଯେ ସେତେବେଳେ ସେ ଡ. ଆମ୍ବେଦକରଙ୍କର ସଂସ୍କୃତ ଭାଷା ସମ୍ପର୍କିତ ପ୍ରସ୍ତାବର ବିନା କୌଣସି କାରଣରେ ବିରୋଧ କରିଥିଲେ।



ଡ. ଆମ୍ବେଦକରଙ୍କ ସ୍ପଷ୍ଟ ମତ ଥିଲା ଯେ ସଂସ୍କୃତକୁ ରାଜଭାଷା କଲେ ଦେଶର କୌଣସି ଭାଷାଭାଷୀ ଲୋକମାନେ ଏହାକୁ ବିରୋଧ କରିବେ ନାହିଁ ତଥା ଏହା ଦେଶକୁ ଏକ କରିବାରେ ସଫଳ ହେବ । ତେବେ ଏହା ଭିନ୍ନ ବିଷୟ ଯେ ତାଙ୍କର ଏହି ପ୍ରୟାସ ସଫଳ ହୋଇ ପାରି ନ ଥିଲା ।

ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ବୋବଡେ ପୁଣି ଥରେ ଆମ୍ବେଦକର ଜୟନ୍ତୀ ଅବସରରେ ତାଙ୍କର ସଂସ୍କୃତ ଭାଷାକୁ ସେ କିପରି ରାଜଭାଷା କରିବାକୁ ଚାହୁଁଥିଲେ ସେହି ପ୍ରସଙ୍ଗକୁ ଉଠାଇ ଏକ ଭଲ କାମ କରିଛନ୍ତି । ଏହାଦ୍ୱାରା ଯଦିଓ ନିଜକୁ ଲିବେରେଲା-ସେକୁଲାର କହୁଥିବା ଲୋକମାନେ ତାଙ୍କୁ ଭୁଲ କହୁଥିବା ଅଭିଯୋଗ କରୁଛନ୍ତି ତଥାପି ସେ ସଂସ୍କୃତ ଭାଷାର କେତେ ମହତ୍ୱ ରହିଛି ଓ ଆମ୍ବେଦକର ଏହାକୁ କିପରି ବୁଝିଥିଲେ ଏହାକୁ ନେଇ ବିତର୍କ ପୁଣି ଥରେ ଆରମ୍ଭ ହୋଇପାରିଛି। ପୁଣି ଥରେ ଲୋକମାନେ ଆମ୍ବେଦକରଙ୍କ ଭାଷଣ, ତାଙ୍କର ଲେଖା ପଢିବା ଆରମ୍ଭ କଲେଣି । ଏହି ବିତର୍କକୁ ପୁଣି ଥରେ ଆରମ୍ଭ କରାଇଥିବାରୁ ମୁଖ୍ୟ ନ୍ୟାୟାଧୀଶ ବୋବଡେଙ୍କୁ ଧନ୍ୟବାଦ ଦେବାକୁ ପଡିବ ।

# ପିଲାଙ୍କ ପାଠପଢାରେ ଅଭିଭାବକଙ୍କ ଦାୟିତ୍ୱ

ସନ୍ଧ୍ୟାବେଳେ ମୁଁ ବଜାରରୁ ଫେରୁଥିଲି । ଅଚାନକ ପହଲି ବାବୁ ବାଟରେ ଦେଖାହେଲେ । ହସି ହସି ସେ କହିଲେ "ବହୁ ଦିନ ପରେ ଦେଖା ହେଲା । କ'ଣ ଭଲ ଅଛନ୍ତି ତ? ମୁଁ କହିଲି ହଁ ଏ "କୋଭିସିଲଡ" ଟିକା ନେଇ ଫେରୁଛି । ମିଳାମିଶା, ଦେଖାଚାହିଁ, ହସଖୁସି ସବୁତ ଛଡେଇ ନେଲା ଏ କରୋନା । ପୁଣି ବି ଦ୍ୱିତୀୟ ଲହର ମାଡି ଆସିଲାଣି । ଦେଖାଯାଉ କ'ଣ ହେଉଛି ?



ପହଲିବାବୁ କହିଲେ ଆଉ ସେ କଥା କୁହନ୍ତୁନି ଆଜ୍ଞା । ବ୍ୟବସାୟ ଯାହା କ୍ଷତିରେ ଚାଲିଛି ଛାଡ । ସବୁଠାରୁ ବଡ କ୍ଷତି ମୋ ଝିଅ ଆଦୌ ପାଠ ପଢୁନି । ବଡଭାଇ ଝିଅ ଡାକ୍ତରି ପାସ କରି ସରକାରୀ ମେଡିକାଲରେ ଚାକିରି କରୁଛି । ହେଲେ ମୋ ଭାଗ୍ୟ ତ ଖରାପ । ମୁଁ ମୋ ଝିଅକୁ ଆମ ଅଞ୍ଚଳର ସବୁଠାରୁ ଭଲ ଇଂରାଜୀ ମିଡିୟମ ସ୍କୁଲରେ ଆଡମିସନ୍ କରିଥିଲି । ଦୁଇ ଦୁଇଟା ଟ୍ୟୁସନ ମଧ୍ୟ ଯୋଗାଇଦେଇଛି । ହେଲେ ପାଠପଢାଟା ଆଶାନୁରୂପକ ହୋଇପାରୁନି । ମୁଁ କହିଲି ପଇସା ଦେଇ ପାଠ କିଣାଯାଇ ପାରେନା । ଆଉ ସହଜେ ଏ କରୋନା ସମୟରେ ଅନ ଲାଇନ କ୍ଲାସ ଚାଲୁଛି । ସେଥିପାଇଁ ସାରା ବିଶ୍ୱରେ ପିଲାମାନଙ୍କର ପାଠପଢା ଠିକ୍ ଭାବରେ ଚାଲିପାରୁନି ।

ହେଲେ ଆପଣ ଜଣେ ସଚେତନ ଅଭିଭାବକ ଭାବେ ଆପଣ ନିଜେ ନିଷ୍ଠାର ସହିତ କେତେ ସମୟ ଆପଣଙ୍କ କନ୍ୟାପାଇଁ ଦେଇଛନ୍ତି । ଯଦି ଦେଇନାହାନ୍ତି ଆଶା କରିବାଟା ହିଁ ନିରର୍ଥକ । ପହଲିବାବୁ ମୋ ପ୍ରଶ୍ନରେ ଖୁସି ନଥିଲେ। ଆଉ ସେ କହିଲେ ଯେଉଁ ପିତାମାତାମାନେ ମୂର୍ଖ ସେମାନେ କ'ଣ ସେମାନଙ୍କ ପିଲାଙ୍କୁ ପଢାଇପାରନ୍ତି ? ସେମାନେ ଘରେ ରହି ଭଲ ପାଠ ପଢି ବଡ ବଡ ଅଫିସର କେମିତି ହେଉଛନ୍ତି ! ମୁଁ କହିଲି ପାଠପଢା ପାଇଁ ସୁନ୍ଦର ବାତାବରଣ ଆବଶ୍ୟକ । ଆଉ ପାଠ ପଢାଇବାଠାରୁ ପାଠ ପ୍ରତି ଆଗ୍ରହ ସୃଷ୍ଟି କରିବା ସବୁଠାରୁ ବଡ କଥା ।

କେତେକ ବିଶ୍ୱପ୍ରସିଦ୍ଧ ଗୁରୁ ସେମାନଙ୍କ ଛାତ୍ରଛାତ୍ରୀମାନଙ୍କ ମନରେ ଘୋର ପରିବର୍ତ୍ତନ ଆଣିଥିଲେ । ସେମାନଙ୍କ ଚରିତ୍ର ନିର୍ମାଣ କରିବା ସଙ୍ଗେ ସଙ୍ଗେ ସ୍ୱୟଂସମ୍ପନ୍ନ ମନୁଷ୍ୟ ରୂପେ ଗଢିତୋଳିଥିଲେ । ସେମାନେ ହେଲେ ଗୁରୁ ରାମ ଦାଶ (ଶିବାଜୀ), ଚାଣକ୍ୟ (ଚନ୍ଦ୍ରଗୁପ୍ତ), ରାମକୃଷ୍ଣ ପରମହଂସ (ବିବେକାନନ୍ଦ), ଆରିଷ୍ଟୋଟଲ (ଆଲେକଜାଣ୍ଡାର) ଓ ମାଥୁ ଲେଏର (ଏପିଜେ ଅବଦୁଲ କଲାମ)ଙ୍କୁ ବିଶ୍ୱର ସଫଳତା ଆଣି ଦେଇଥିଲେ ।

ଏପିଜେ ଅବଦୁଲ କଲାମ "ଏ ଉଇଙ୍ଗସ ଅଫ ଫାୟାର"ରେ ଲେଖିଥିଲେ- ଯେତେବେଳେ ତାଙ୍କୁ ପାଞ୍ଚ ବର୍ଷ ହୋଇଥିଲା ସେତେବେଳେ ତାଙ୍କ ପ୍ରାଇମେରି ଶିକ୍ଷକ 'ମାଥୁ ଲେଏର' ଆଗକୁ ଯିବାର ଦିଗ୍‌ଦର୍ଶନ ଦେଇଥିଲେ । ମହାବୀର ଫୋଗାଟ ରେସିଲଙ୍ଗ ଚମ୍ପିଆନ୍ ହେବାକୁ ଚାହିଁ ଅସଫଳ ହୋଇଥିଲେ । ହେଲେ ସେ ତାଙ୍କ କନ୍ୟାକୁ ଏଭଳି ପ୍ରଶିକ୍ଷଣ ଦେଲେ ଗୀତା ଓ ବବିତା ବିଶ୍ୱପ୍ରସିଦ୍ଧ ରେସଲରର ସୁନାମ ଅର୍ଜନ କରିପାରିଥିଲେ । ଭାରତର ୧୫ ବର୍ଷ ବାଳିକା ପାଇଲଟ୍ ରୂପେ ଆୟେସା ଅଜିଦ ସୁନାମ ଅର୍ଜନ କରିଛନ୍ତି । ଗିନିସ ବୁକ ଅଫ୍ ୱାଲଡ ରେକଡ୍ ଅନୁଯାୟୀ ବିଶ୍ୱର ସବୁଠାରୁ କମ୍ ବର୍ଷର ଡାକ୍ତର ରୂପେ ବାଲ ମୁରାଲି ଅମ୍ବାଟି ମାତ୍ର ୧୮ ବର୍ଷ ବୟସରେ ଏ ସଫଳତା ହାସଲ କରିପାରିଥିଲେ । ତାଙ୍କ ବାପା ତାମିଲନାଡୁର ଭେଲୋରରେ ଇଞ୍ଜିନିଅର ଓ ମା' ଗଣିତ ଶିକ୍ଷକ ରୂପେ କାର୍ଯ୍ୟ କରୁଥିଲେ । ସଫଳତା ପାଇଁ ଅମ୍ବାଟି ତାଙ୍କ ବାପା ମା'ଙ୍କୁ ଶ୍ରେୟ ଦିଅନ୍ତି । ତେଣୁ ପହଲିବାବୁ ପାଠପଢା ପାଇଁ କୋଠାଘର, ଏସି ରୁମ, ସୋଫା ସେଟ୍, ଟେଲିଭିଜନ, ମଡନ୍ ବାଇକର ଆବଶ୍ୟକତାଠାରୁ ଶାନ୍ତ ସୁନ୍ଦର କୋଳାହଳମୁକ୍ତ ବାତାବରଣ ଦରକାର । ନିନ୍ଦା ଅପେକ୍ଷା ପ୍ରଶଂସା, ଅନାଦର ଅପେକ୍ଷା ଆଦର । ସମାଲୋଚନା ଅପେକ୍ଷା ପିଲାମାନେ ଏକାନ୍ତରେ ଗଠନମୂଳକ ଆଲୋଚନାକୁ ପସନ୍ଦ କରନ୍ତି । ତେଣୁ ନିରୁତ୍ସାହିତ କରିବା ପରିବର୍ତ୍ତେ ପିଲାମାନଙ୍କୁ ଉତ୍ସାହିତ କରନ୍ତୁ ।

ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିଭିନ୍ନ ପତ୍ରପତ୍ରିକା, ବଡଲୋକଙ୍କ ଜୀବନି, ଡ୍ରଇଙ୍ଗ ବୁକ୍, କଲର ପେନସିଲ ଆଦି ପିଲାମାନଙ୍କୁ ଯୋଗାଇ ଦିଅନ୍ତୁ । ତା'ସହିତ ତା'ର ସୁବିନିଯୋଗ ପ୍ରତି ଧ୍ୟାନ ଦିଅନ୍ତୁ ।

ଅବସର ସମୟରେ ଚିତ୍ର ଆଙ୍କିବା, ଗଳ୍ପ, କବିତା, ପ୍ରବନ୍ଧ ଲେଖିବାକୁ ପିଲାମାନଙ୍କୁ ପ୍ରେରଣା ଦିଅନ୍ତୁ । ଏତଦ୍‌ବ୍ୟତିତ ସେଗୁଡିକୁ ସମ୍ବାଦପତ୍ରର ଶିଶୁ ସାହିତ୍ୟ ବିଭାଗକୁ ବା ଭିନ୍ନ ଭିନ୍ନ ଶିଶୁ ଓ କିଶୋର ମାଗାଜିନ୍‌କୁ ପଠାନ୍ତୁ । ଏହାଦ୍ୱାରା ପିଲାମାନଙ୍କର ସୃଜନଶୀଳତା ବୃଦ୍ଧି ପାଇବ । ପିତାମାତାଙ୍କ ଆଚରଣ ଓ ବ୍ୟବହାର ପିଲାମାନଙ୍କ ଉପରେ ବହୁଳ ପ୍ରଭାବ ପକାଏ । ଘର ପରିବେଶକୁ ଗାଳିଗୁଲଜ ଓ ପାଟିତୁଣ୍ଡଠାରୁ ଦୂରେଇ ରଖିବା ଉଚିତ । ଅଭିଭାବକମାନେ ଟିଭିଦେଖା କମ୍ କରି ବିଭିନ୍ନ ବହି ପଢିଲେ ଏକ ଶିକ୍ଷାର ମହଲ ସୃଷ୍ଟି କରିବ । ପିଲାମାନଙ୍କୁ ମଧ୍ୟ ବଡ ଲୋକ ଜୀବନୀ ଓ ସଫଳତାର ମାର୍ଗ ବିଷୟରେ ଜଣାଇବା ଦରକାର । ଏପରି କଲେ ସେମାନଙ୍କର ପଠନ ଓ ଲିଖନ ପ୍ରତି ଆଗ୍ରହ ସୃଷ୍ଟି ହେବ ।

ଅନ୍‌ଲାଇନ କ୍ଲାସ ପାଇଁ ବ୍ୟବହୃତ ହେଉଥିବା ମୋବାଇଲ ବ୍ୟବହାର ଅପବ୍ୟବହାର ପ୍ରତି କଡା ନଜର ଦେବା ଉଚିତ । ବିଶେଷ ଧ୍ୟାନ ଦିଅନ୍ତୁ ସର୍ବୋତ୍ତମ ବ୍ୟବହାର ଯେପରି ହୋଇପାରେ ।

ପାଠ ପଢିବାର ମୂଳ ଉଦ୍ଦେଶ୍ୟ ଖାଲି ବଡ ଅଫିସର ନୁହେଁ ଜଣେ ଭଲ ମଣିଷ ହେବା ଦରକାର । ସେଥିପାଇଁ ଚରିତ୍ର ନିର୍ମାଣ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ୍ । ସୁନ୍ଦର ମନ ହେଲେ ସୁନ୍ଦର ବ୍ୟବହାର ହେବ । ସୁନ୍ଦର ବ୍ୟବହାର ହେଲେ ସମସ୍ତେ ଆଦର କରିବେ । ସେଥିପାଇଁ କହନ୍ତି- ***"ନମ୍ରନ୍ତି ଗୁଣିନା ଜନାଃ/ନମନ୍ତି ଫଳିନା ବୃକ୍ଷା।"*** ପରିସ୍ଥିତି ସହିତ ଖାପ ଖୁଆଇ ଚଳିବାକୁ ପଡିବ । ପ୍ରତିକୂଳ ପରିସ୍ଥିତିକୁ ସାମ୍ନାକରି ଅନୁକୂଳ ପରିସ୍ଥିତି ସୃଷ୍ଟି କରିବାକୁ ପଡିବ । ତେଣୁ ଅଭିଭାବକମାନେ ନିଜ ପିଲାମାନଙ୍କ ଭିତରେ ଲୁଚି ରହିଥିବା ସୁଗୁଣାବଳୀର ସନ୍ଧାନ କରନ୍ତୁ । ଯଦି ତାହାର ବିକାଶ ହୋଇପାରିବ, ନିଶ୍ଚିତ ଭାବରେ ଆପଣ ଖୁସି ହେବେ । ତେଣୁ ପହିଲେ ଆପଣ ଆପଣଙ୍କ ପିଲାର ଜ୍ଞାନକୌଶଳ ବୃଦ୍ଧି କରିବା ପାଇଁ ଚେଷ୍ଟା କରନ୍ତୁ । ଦେଖିବେ ସଫଳତାର ଶୀର୍ଷରେ ଥିବେ ଆପଣଙ୍କ ପିଲାମାନେ । ନିଶ୍ଚିତ ରୂପେ ଆପଣ ଖୁସି ହେବେ । ତେଣୁ କଥାରେ କହନ୍ତି-ସତ୍‌ଚେଷ୍ଟା ଓ ନିରବଚ୍ଛିନ୍ନ ସାଧନା ସଫଳତା ଆଣିଦେବାରେ ସହାୟକ ହୁଏ ।

**ଅକ୍ଷୟ ପଣ୍ଡା**, ଆଳି, ଲୋକାପଡା,
ମୋ: ଫୋନ୍-୯୩୩୭୪୯୨୩୦୭

# ତୁଳସୀ ଦୁଇ ପତ୍ରରୁ ବାସେ: ନିରଞ୍ଜନ ପଟ୍ଟନାୟକ

ଭୁବନେଶ୍ୱର (ପିଏନ୍)- ଧନୀ ସାଧାରଣତଃ ଦୁଇପ୍ରକାର ଥାଆନ୍ତି। କେତେକ ଧନ ସଂଗ୍ରହ କରି ନିଜର ଓ ନିଜ ପିଲା-ପରିବାର ପାଇଁ ସାଇତି ରଖିଥାନ୍ତି। ଆଉ କେତେକ ନିଜ ଅର୍ଜିତ ଧନକୁ ଅନ୍ୟର ସେବାରେ ବିନିଯୋଗ କରିଥାନ୍ତି। ସେହି ଦୃଷ୍ଟିରୁ ଦେଖିଲେ ଓଡ଼ିଶାରେ ବହୁ ଧନୀଲୋକ ଅଛନ୍ତି। କିନ୍ତୁ ନିଜ ଅର୍ଜିତ ଧନକୁ ସାଧାରଣ ଲୋକଙ୍କ ସେବାରେ ବିନିଯୋଗ କରିବା ଭଳି ହୃଦୟବାନ ଧନୀଲୋକଙ୍କ ସଂଖ୍ୟା କମ୍। ସନ୍ତୁ (ଶ୍ରଦ୍ଧେୟ ସୁବ୍ରତ ବାଗ୍‌ଚି) ଓ ତା'ର ସହଧର୍ମୀଣୀ ବିଶିଷ୍ଟ ଲେଖିକା ସୁସ୍ମିତା ନିସ୍ୱାର୍ଥପର ତ୍ୟାଗର ଯେଉଁ ଉଚ୍ଚ ଆଦର୍ଶ ଦେଖାଇଲେ ତାହା ସମସ୍ତଙ୍କ ପାଇଁ ଶିକ୍ଷଣୀୟ ବୋଲି ଆଜିର ପ୍ରେସ ବାର୍ତ୍ତାରେ ପିସିସି ସଭାପତି ଶ୍ରୀଯୁକ୍ତ ନିରଂଜନ ପଟ୍ଟନାୟକ କହିଛନ୍ତି। ସେ କହିଛନ୍ତି ଓଡ଼ିଶାରେ ଅତୀତରେ ଯେଉଁ ମହାନ ସହୃଦୟ ବ୍ୟକ୍ତିମାନେ ଜନସେବା ପାଇଁ ତ୍ୟାଗ କରିଛନ୍ତି, ଆଜି ସନ୍ତୁ ଓ ତା'ର ପତ୍ନୀ ଓଡ଼ିଶାରେ କ୍ୟାନସର ହସ୍‌ପିଟାଲ ପ୍ରତିଷ୍ଠା ପାଇଁ ୩୪୦ କୋଟି ଟଙ୍କା ପ୍ରଦାନ କରି ସେହି ମହାନ ତ୍ୟାଗୀମାନଙ୍କ ମେଳରେ ସାମିଲ ହୋଇଗଲେ। ସୁବ୍ରତଙ୍କ ପରିବାର ସହ ଶ୍ରୀ ପଟ୍ଟନାୟକଙ୍କର ଅନେକ ବର୍ଷର ସମ୍ପର୍କ। ସୁବ୍ରତ ବା ସନ୍ତୁଙ୍କୁ ସେ ସାତ-ଆଠ ବର୍ଷ ବୟସରୁ ଜାଣିଛନ୍ତି। ପିଲାଟି ବେଳୁ ଆଭାସ ମିଳୁଥିଲା ଯେ ଶ୍ରୀ ବାଗ୍‌ଚୀ ଦିନେ ସଫଳତାର ଶୀର୍ଷକୁ ଛୁଇଁବେ। ପିଲାଦିନରୁ ଶାନ୍ତ, ସରଳ ଓ ବିଚାରବନ୍ତ ଥିବା ଶ୍ରଦ୍ଧେୟ ସନ୍ତୁ ଜୀବନରେ ଅନେକ ପ୍ରତିଷ୍ଠା ପାଇବା ସହ ପରୋପକାରୀ ହେବେ ବୋଲି ଯେଉଁ ଆଭାସ ମିଳୁଥିଲା, ତାହା ଆଜି ସତରେ ପରିଣତ ହୋଇଛି। ମାଉସୀ (ସନ୍ତୁଙ୍କ ମା') ଯଥାର୍ଥରେ ଥିଲେ ରତ୍ନଗର୍ଭା। ମାଉସୀଙ୍କ ଆଖିକୁ ଭଲକି ଦେଖାଯାଉନଥିଲେ ମଧ୍ୟ ସେ ପରିବା କାଟି, ରୋଷେଇ କରି ଏପରି ସୁସ୍ୱାଦ ଖାଦ୍ୟ ଶ୍ରଦ୍ଧାରେ ପରସି ଦିଅନ୍ତି ତାହା ଆମମାନଙ୍କ ପାଇଁ ଅଭୁଲା ସ୍ମୃତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ତାଙ୍କର ବଡ଼ ପୁଅ ଦେବୀପ୍ରସାଦ ରାଜ୍ୟର ମୁଖ୍ୟ ଶାସନ ସଚିବ ଥିଲେ। ଅମିତାଭ ଉଚ୍ଚକୋଟୀର ଆଇନଜୀବି ଓ ଯୁବନେତାର ସମ୍ମାନ ପାଇବା ପରେ ସନ୍ୟାସ ଗ୍ରହଣ କରିଥିଲେ। ଅନ୍ୟ ସନ୍ତାନମାନେ ଯେଝା ସ୍ଥାନରେ ସୁପ୍ରତିଷ୍ଠିତ। ସବୁ ସେଇ ରତ୍ନଗର୍ଭା ମା'ଙ୍କ ଆଶୀର୍ବାଦର ଫଳ। ଆଜି ଓଡ଼ିଶାରେ ଯେତେବେଳେ କର୍କଟ ବ୍ୟାଧି ଖୁବ ମାରାତ୍ମକ ଭାବେ କାୟା ବିସ୍ତାର କରୁଛି ଏବଂ ଟାଟା କମ୍ପାନୀ ପରି ବୃହତ ଶିଳ୍ପସଂସ୍ଥା କ୍ୟାନସର ହସ୍‌ପିଟାଲ କରିବା ପାଇଁ ପଛଘୁଂଚା ଦେଉଛି, ସେତେବେଳେ ଓଡ଼ିଶାରେ ହସ୍‌ପିଟାଲ ନିର୍ମାଣ ପାଇଁ ସୁବ୍ରତ ଓ ସୁସ୍ମିତା ୩୪୦ କୋଟି ଟଙ୍କା ଦାନ କରିବା ନିଶ୍ଚୟ ଓଡ଼ିଶା ପାଇଁ ଏକ ବଡ଼ ବରଦାନ। ଏଭଳି ଏକ ତ୍ୟାଗୀ ଦମ୍ପତିଙ୍କ ପାଇଁ ଜଣେ ଓଡ଼ିଆ ଭାବେ ଗର୍ବ ଅନୁଭବ କରୁଛି ବୋଲି ଶ୍ରୀ ପଟ୍ଟନାୟକ କହିବା ସହ ତାଙ୍କୁ ଏଥିପାଇଁ ଶୁଭେଚ୍ଛା ଜଣାଇଛନ୍ତି। ବାଗ୍‌ଚୀ ଦମ୍ପତି ଆସନ୍ତା କାଲିର ନୂଆ ପୀଢ଼ି ପାଇଁ ପ୍ରେରଣାଦାତା ଓ ପଥପ୍ରଦର୍ଶକ ହୋଇଛନ୍ତି। ଈଶ୍ୱର ସେମାନଙ୍କର ମଙ୍ଗଳ କରନ୍ତୁ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କାମନା କରିଛନ୍ତି।

# ନବୀନ ସମ୍ବାଦପତ୍ର କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ

ବ୍ରହ୍ମପୁର (ପିଏନ୍): ୧୯୩୦ ମସିହାରୁ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ଆସୁଥିବା 'ନବୀନ' କେବଳ ସମ୍ବାଦପତ୍ର ନୁହଁ ବରଂ କବି ଓ ଲେଖକମାନଙ୍କ ଏନ୍ତୁଡ଼ିଶାଳ ବୋଲି ବିଶିଷ୍ଟ ସମାଜସେବୀ ତଥା ଭେଷଜବିତ ଡ଼ା. ପି.ସି. ସାହୁ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ହୋଟେଲ ମୋତି ସମ୍ମିଳନୀ କକ୍ଷରେ ଆୟୋଜିତ ନବୀନର ତ୍ରୟୋବିଂଶ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଫେସର ଡ଼ା. ସାହୁ କହିଲେ ଯେ ନବୀନ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କବଚ ଭାବେ ଦୀର୍ଘ ୯୧ ବର୍ଷ ଧରି ନିରନ୍ତର ଭାବେ ନିଜର ଭୂମିକା ଗ୍ରହଣ କରିଆସିଛି। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହାସିକ ନବୀନର ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀ ରଥ ନିଜ ବକ୍ତବ୍ୟରେ ନବୀନ ତାର ପରମ୍ପରା ବଜାୟ ରଖିବା ସହ ନୂତନ କବି, ସାହିତ୍ୟିକମାନଙ୍କୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କୁ ଉତ୍ସାହିତ କରିବାର ପ୍ରୟାସ ଜାରି ରଖିଛି। ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଶିକ୍ଷାବିତ ହରିହର ଚୌଧୁରୀ, ଆଧ୍ୟାତ୍ମିକ ପ୍ରବକ୍ତା ଜଗନ୍ନାଥ ପଣ୍ଡା, କବି ଭାଗିରଥୀ ବେହେରା, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ସାହିତ୍ୟିକ ଡ଼ା. ଶଙ୍କର୍ଷଣ ପାତ୍ର, ଯୁବ ଗାଳ୍ପିକ ସୁଶାନ୍ତ କୁମାର ଦାଶଙ୍କୁ ମୁଖ୍ୟଅତିଥି ପ୍ରଫେସର ଡ଼ା. ସାହୁ ନବୀନ ବିଷୁବ ସମ୍ମାନ-୨୦୨୧ରେ ସମ୍ମାନିତ କରିଥିଲେ। ଏହି ଅବସରରେ କୁନି ଲେଖିକା ରୁଦ୍ରରୁପା ବ୍ରହ୍ମାଙ୍କ ଦ୍ୱାରା ରଚିତ ଶିଶୁ କବିତା ସଂକଳନ 'ପାହାଡ଼ ରାଣୀ' ଓ ଦିବଂଗତ ସାହିତ୍ୟିକ ଡ଼ା. ଚନ୍ଦ୍ରମଣି ସ୍ୱାଇଁଙ୍କ ଆଲୋଚନାଗ୍ରନ୍ଥ 'ଉକ୍ତିର ପ୍ରତିରୁକ୍ତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱାଗତ ସମିତି ଅଧ୍ୟକ୍ଷ ତଥା ସମାଜସେବୀ ରାମକୃଷ୍ଣ ପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଜ୍ୟୋସ୍ନାରାଣୀ ସ୍ୱାଇଁ, ବନ୍ଦନା ମହାପାତ୍ର, ବି. ସତ୍ୟମ ଆଚାରୀ, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଲକ୍ଷ୍ମୀ ନାରାୟଣ ଦାଶ, ବସନ୍ତ ଅଧିକାରୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସମ୍ପାଦକ ସୁଶାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। କୋଭିଡ-୧୯ ଗାଇଡ଼ ଲାଇନ ପ୍ରକାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ କବି କବୟିତ୍ରୀ, ସମାଜସେବୀ, ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

# ଭାରତ ରତ୍ନ ଡ଼ଃ ବି.ଆର୍. ଆମ୍ବେଦକର ଜୟନ୍ତୀ ପାଳିତ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ସଦର ମହକୁମାରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତା୧୪.୦୪.୨୦୨୧ରିଖ ବୁଧବାର ଦିନ ସମ୍ବିଧାନ ପ୍ରଣେତା ଭାରତରତ୍ନ ଡ଼ଃ ବି.ଆର୍.ଆମ୍ବେଦକରଙ୍କ ଜୟନ୍ତୀ କୋଭିଡ୍ ଗାଇଡ୍ ଲାଇନ୍ ଅନୁଯାୟୀ ପାଳିତ ହୋଇଯାଇଛି । ଏହି ଅବସରରେ ବୁଧବାର ସକାଳେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକରେ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅବସ୍ଥାପିତ ଡ଼ଃ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏତଦ୍‌ବ୍ୟତୀତ ସଂଲଗ୍ନରେ ଅବସ୍ଥାପିତ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଉତ୍କଳ ଗୌରବ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଥିଲା । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡ଼ଃ ଉଦ୍ଧବ ଚନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ନାୟକ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡ଼ଃ ମଧୁସ୍ମିତା ସାମନ୍ତରାୟ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ସଂଜୀବ ବାରିକ ପ୍ରମୁଖ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ସାମିଲ୍ ହୋଇଥିଲେ ।

# ଭାଗବତପ୍ରେମୀଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଭାଗବତ ସମିତିର ବ୍ଲକ ଶାଖା ତରଫରୁ ପିଠାଗୋଳା ଗ୍ରାମ ପଂଚାୟତର ନନ୍ଦରା ଗ୍ରାମଠାରେ ବହୁ ପ୍ରତିଷ୍ଠିତ ବୟସ୍କ ମହିଳା ଏବଂ ଭାଗବତ ପ୍ରେମୀମାନଙ୍କୁ ନେଇ ବିଭିନ୍ନ ମନ୍ଦିର ଏବଂ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଓଡିଆ ହିନ୍ଦୁ ନବବର୍ଷ ମହାବିଷୁବ ପଣାସଂକ୍ରାନ୍ତି ଅବସରରେ ଚଳିତ ମାସ ୧୩ତାରିଖରେ ବକ୍ସିବାରିଗାଁ ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଏହି ସଫେଇ କାର୍ଯ୍ୟକ୍ରମ ହୋଇଥିବା ବେଳେ ପରେ ନନ୍ଦରା ଶିବ ମନ୍ଦିରରେ ମଧ୍ୟ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଭାଗବତ ପ୍ରଚାର ପ୍ରସାର ସମିତି ହରିଚନ୍ଦନପୁର ବ୍ଲକ ଶାଖାର ସଭାପତି ପଦାମ୍ବୁଜ ସାହୁ, ସମ୍ପାଦକ ପର୍ଶୁରାମ ସାହୁ, ସହସମ୍ପାଦକ କୃଷ୍ଣଚନ୍ଦ୍ର ବେହେରା, ରବୀନ୍ଦ୍ର ବେଜଙ୍କ ସହ ପୁରୁଷ ଏବଂ ମହିଳା ଉପସ୍ଥିତ ଥିଲେ । କୋଭିଡ୍ କଟକଣା ନିୟମକୁ ଆଖି ଆଗରେ ରଖି ଆଗାମୀ ଦିନ ମାନଙ୍କରେ ବହୁ ଭାଗବତ ମଣ୍ଡଳୀ ଗଠନ କରିବା ସଙ୍ଗେ ସଙ୍ଗେ ନାମ ସଂକୀର୍ତ୍ତନର ପୁନଃ ଉଦ୍ଧାର କିପରି ହୋଇପାରିବ ସେ ବିଷୟରେ ଭାଗବତ ପ୍ରେମୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

# ଅଜିତ ମଙ୍ଗରାଜଙ୍କ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଶୋକସଭା

ଭୁବନେଶ୍ୱର (ପିଏନ୍): ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ତଥା ପିପିଲି ଉପନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ଶ୍ରୀ ଅଜିତ୍ ମଙ୍ଗରାଜଙ୍କ କରୋନା ଜନିତ ଅକାଳ ବିୟୋଗରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକପ୍ରକାଶ କରାଯାଇ କଂଗ୍ରେସ ଭବନ, ଭୁବନେଶ୍ୱରଠାରେ ଏକ ଶୋକସଭା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ



ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ କଂଗ୍ରେସ ନେତୃବୃନ୍ଦ ସ୍ୱର୍ଗତ ମଙ୍ଗରାଜଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଂଜଳି ଅର୍ପଣ କରିବା ପରେ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ମୃତିଚାରଣ କରି ପିସିସି ସଭାପତି ଶ୍ରୀ ପଟ୍ଟନାୟକ କହିଲେ ଯେ ଅଜିତ୍ ବାବୁଙ୍କ ମୃତ୍ୟୁ ଦଳପାଇଁ ଅପୂରଣୀୟ କ୍ଷତି। ସେ ଜଣେ ପରିଶ୍ରମୀ ଓ ଦୃଢ଼ ସଂଗଠକ ଭାବରେ ଜଣାଶୁଣା ଥିଲେ। ସେ ପୁରୀ ଜିଲ୍ଲା କଂଗ୍ରେସ କମିଟିର ସଭାପତି ଦାୟିତ୍ୱ ନେବା ପରଠାରୁ କଂଗ୍ରେସକୁ ମଜବୁତ କରିବା ପାଇଁ ନିରନ୍ତର ଉଦ୍ୟମ ଜାରି ରଖିଥିଲେ। ଦଳପ୍ରତି ତାଙ୍କର ସ୍ୱପ୍ନକୁ ଆମ୍ଭେମାନେ ସାକାର କରିପାରିଲେ ତାହାହିଁ ତାଙ୍କ ପ୍ରତି ଶ୍ରେଷ୍ଠ ଶ୍ରଦ୍ଧାଂଜଳି ହେବ। ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଗଭୀର ସମବେଦନା ଜଣାଇଥିଲେ। ଶ୍ରଦ୍ଧାଂଜଳି ଜଣାଇ ଅଖିଳ ଭାରତ କଂଗ୍ରେସ କମିଟି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁ କହିଲେ ଯେ ସ୍ୱର୍ଗତ ମଙ୍ଗରାଜ କଂଗ୍ରେସ ଦଳର ଜଣେ ସଚ୍ଚା କର୍ମୀ ଥିଲେ। ତାଙ୍କର ମୃତ୍ୟୁରେ ଦଳ ଜଣେ ଉତମ ସୈନିକଙ୍କୁ ହରାଇଲା। କଂଗ୍ରେସ ଅଧ୍ୟକ୍ଷା ଶ୍ରୀମତୀ ସୋନିଆ ଗାନ୍ଧୀ, ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଓ କଂଗ୍ରେସ ପ୍ରଭାରୀ ଡ. ଏ ଚେଲାକୁମାରଙ୍କ ପକ୍ଷରୁ ଶ୍ରୀ ରାଜୁ ଗଭୀର ସମବେଦନା ଜଣାଇଥିଲେ। ଶ୍ରଦ୍ଧାଂଜଳି ଜଣାଇ ପିସିସି କାର୍ଯ୍ୟକାରୀ ସଭାପତି ସର୍ବଶ୍ରୀ ପ୍ରଦୀପ ମାଝୀଙ୍କ ସମେତ କଂଗ୍ରେସ ନେତୃବୃନ୍ଦ ରାମଚନ୍ଦ୍ର ଖୁଂଟିଆ, ବିଧାୟକ ସନ୍ତୋଷ ସିଂ ସାଲୁଜା, ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ମୁଖପାତ୍ର ନିଶିକାନ୍ତ ମିଶ୍ର ପ୍ରମୁଖ ସ୍ୱର୍ଗତ ମଙ୍ଗରାଜଙ୍କର ଜୀବନୀ ଓ ସାଂଗଠନିକ ଦକ୍ଷତା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସୁରେଶ କୁମାର ରାଉତରାୟ, ଯୁଧିଷ୍ଠିର ଜେନା, ବିଜୟଲକ୍ଷ୍ମୀ ସାହୁ, ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ଅମୀୟ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଂଜନ ଦାଶ, ବିଶ୍ୱଜିତ୍ ଦାଶ, ହଳଧର ସେଠୀ, ପଦ୍ମାକର ଗୁରୁ, ମାନସ ଆଚାର୍ଯ୍ୟ, ଚିନ୍ମୟ ସୁନ୍ଦର ଦାସ, ଜିତୁ ପ୍ରକାଶ ପରିଡା, ଅଶୋକ କୁମାର ଦାସ, ଦୀପକ ମହାପାତ୍ର, କନକଲତା ମଲ୍ଲିକ, ଶ୍ରୀୟାସ୍ମିତା ପଣ୍ଡା, ଲିଙ୍ଗରାଜ ସାହୁ, ବିସ୍ମୟ ମହାପାତ୍ର, ଜ୍ଞାନଦେବ ବେଉରା, ସଂଜୟ ମିଶ୍ର, ଅକ୍ଷୟ ଦାସ, ଜ୍ଞାନ ପଟ୍ଟନାୟକ, କୁସୁମ ପ୍ରଧାନ, ସୁଶାନ୍ତ ତ୍ରିପାଠୀ, ଶଶିକାନ୍ତ ଲେଙ୍କା, ମିହିର ଆଚାର୍ଯ୍ୟ, ଜୟକୃଷ୍ଣ ସୁବୁଦ୍ଧି, ଦୀପକ ସାହୁ, ସତ୍ୟବ୍ରତ ନାୟକ, ସୁବାଷ ପ୍ରଧାନ, ଶ୍ରୀଧର ବଳିୟାରସିଂ, ଦେବୀପ୍ରସାଦ ବାହାଲିଆ, ସାଗର ପରିଡା, ସୀମାନ୍ତ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜଣାଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

## ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଅଗଷ୍ଟ ୧୮**

# ସ୍ମାର୍ଟ ଯୁଗର ପୁଅମାନେ

ଭୁବନେଶ୍ୱର ରୁ ପଟ୍ଟାମୁଣ୍ଡାଇ ଯିବା ପାଇଁ, ମୁଁ ବସ ଷ୍ଟାଣ୍ଡରେ ଛିଡା ହୋଇଥାଏ । କିଛି ଦୂରରେ ବୁଢା ମଉସା ଜଣକ ଛିଡା ହୋଇ କାନ୍ଦୁ ଥିବାର ଦୃଶ୍ୟ ଦେଖି, ତାଙ୍କ ପାଖକୁ ଗଲି । ବହୁ ଚେଷ୍ଟା କଲି ତାଙ୍କର କାନ୍ଦିବାର କାରଣ କ'ଣ ଜାଣିବା ପାଇଁ । ବୁଢା ମଉସା ଟି ନିଜର ପରିଚ଼ୟ ଦେବାକୁ କୁଣ୍ଠା ବୋଧ କରୁଥିଲେ । କିନ୍ତୁ ତାଙ୍କ ସହିତ ଯେଉଁ କିଛି ମୁହୂର୍ତ୍ତ କଥା ହେଲି, ଜାଣିବାକୁ ପାଇଲି ଯେ, ସେ ତାଙ୍କର ପୁଅ ପାଖକୁ ଆସିଥିଲେ । ପୁଅ ୪ ମାସ ହେଲା ଟଙ୍କା ପଠେଇ ନାହିଁ, ସେ ଚ଼ଳିବେ କେମିତି ? କହୁ କହୁ କାନ୍ଦି ପକାଉଥିଲେ । ସେ କହୁଥିଲେ କଉଠୁ ଆରମ୍ଭ କରିବି, ଆଉ କଉଠି ଶେଷ କରିବି । ଖଜୁରୀ ଗଛ ର କି ଗୁଣ ଗାଇବି, ମୂଳରୁ ପାହାଚ଼ ପାହାଚ଼ । ପୁଅ ର ପାଠ ପଢା ସମୟରେ କେତେ କଷ୍ଟ କରି ତାକୁ ପଢେଇ ଥିଲି । ତାର ପ୍ରତିଟି ଆବଶ୍ୟକତା କୁ ପୂରଣ କରିବା ପାଇଁ ନିସ୍ୱାର୍ଥପର ଏବଂ ନିଷ୍ଠାପର ଭାବେ ଚେଷ୍ଟା କରିଥିଲି । ପୁଅକୁ ଠିକ୍ ଭାବେ ଗଢ଼ି ତୋଳିବା, ମଣିଷ ପରି ମଣିଷ କରିବା ହିଁ ବାପର ସବୁଠାରୁ ବଡ ପୁଞ୍ଜି ହୋଇଥାଏ । ସ୍କୁଲ ରୁ ନେଇ କଲେଜ ପର୍ଯ୍ୟନ୍ତ ଅବିରତ ଚେଷ୍ଟା କରିଥିଲି, ସେ ପାଠ ପଢି ଭଲ ଚ଼ାକିରୀ କରୁ, ଭଲ ମଣିଷ ଟିଏ ହଉ । କିନ୍ତୁ ପୁଅ ଚ଼ାକିରୀ ପାଇବା ପରେ, ଦୁଃଖ ଆଉ ଯନ୍ତ୍ରଣା ରେ ମୋର ଦିନ ସରୁଛି । ଏ ବୁଢା ବୟସ ରେ ମୋର ଭଗବାନ ହିଁ ସାହା ଭରସା, ତେଣୁ ଏ ଭଳିଆ ପୁଅ କୁ ଭୁଲି ଯିବା ପାଇଁ ଚେଷ୍ଟା କରୁଛି । ବୁଢା ମଉସା ର ଏ ପ୍ରକାର ବାକ୍ୟ ଶୁଣି ମୋର ମନେ ପଡିଗଲା ଗୋଟେ କଥା । "ଅଉଲାଦ୍ ନାଲାୟକ୍ ହୋ ତୋ ଉସ୍କ ଭୁଲ୍ ଯାନା ଚ଼ାହିଏ, ସିର୍ଫ ଉସ୍କା ବଚ଼-ପନ୍ ୟାଦ୍ ରଖନା ଚ଼ାହିଏ"- ଏହା ହେଉଛି ୨୦୧୮ ରେ ମୁକ୍ତିଲାଭ କରିଥିବା ହିନ୍ଦୀ ଫିଲ୍ମ '୧୦୨ ନଟ୍ ଆଉଟ୍' ର କାହାଣି । ଉମେଶ ଶୁକ୍ଳାଙ୍କ ଦ୍ୱାରା ନିର୍ଦ୍ଦେଶିତ ଏହି ଫିଲ୍ମ ରେ, ଆଧୁନିକ ସମାଜରେ ବାପ, ପୁଅ ଓ ନାତିର ସଂପର୍କ କିଭଳି ସ୍ୱାର୍ଥପରତା ମଧ୍ୟରେ ସୀମିତ ତାହା ଦର୍ଶାଯାଇଛି । ଏହା ସିନା ଫିଲ୍ମ ରେ ଥିଲା, କିନ୍ତୁ ବାସ୍ତବ ଜୀବନରେ ବାପା କ'ଣ ତାର ପୁଅ କୁ ଭୁଲି ପାରିବ ? । ଏହି ଭଳି ଅନେକ ମା'ବାପା ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ସବୁ ପୁଅ ସମାନ ନୁହନ୍ତି. ସମାଜ ରେ ବହୁତ ପୁଅ ଅଛନ୍ତି, ସେମାନେ ତାଙ୍କର ମା'ବାପା ଙ୍କୁ ଖୁସି ରେ ରଖିଛନ୍ତି । ସ୍ମାର୍ଟ ଯୁଗରେ "ମଦର୍ସ ଡେ" ଆଉ "ଫାଦର୍ସ ଡେ" ପାଳନ କରାଯାଉଛି । ଏହି ଦିନରେ ବିଭିନ୍ନ ପ୍ରକାର ଫଟୋ, କେତେ ନୀତିବାଣୀ ଓ ହିତବାଣୀ ସାମାଜିକ ଗଣ ମାଧ୍ୟମ ରେ ପୋଷ୍ଟ କରାଯାଉଛି, କ'ଣ ରହିଛି ତାହାର ମୂଲ୍ୟ ? ଏହା କେବଳ ଏକ ଫ୍ୟାସନ୍ । ଏଗୁଡିକ ସାମାଜିକ ଗଣ ମାଧ୍ୟମ ରେ ଦେଖିଲେ ଲାଗେ ଯେମିତି ସବୁ ପୁଅ ଶ୍ରବଣ କୁମାର ହୋଇଯାଇଛନ୍ତି । ହେଲେ ବାସ୍ତବ ରୂପଟା ଅତି ଭୟଙ୍କର । କାଲି ବି ଘରର ବୃଦ୍ଧ ମା'ବାପା ଅବହେଳିତ ଅବସ୍ଥାରେ ଥିଲେ, ଆଉ ଆଜି ବି ପୁଅ ବୋହୂଙ୍କ ନିର୍ଯ୍ୟାତନା ର ଶିକାର ହେଉଛନ୍ତି । ପ୍ରତିଦିନ କେଉଁଠି ନା କେଉଁଠି ଦେଖିବାକୁ କିମ୍ବା ଶୁଣିବାକୁ ମିଳେ ବାପ ପୁଅ ଙ୍କ କଳି । କେଉଁଠି ପୁଅ ବାପାକୁ ହାଣି ଦେଲାଣି ତ', କେଉଁଠି ଦାଣ୍ଡରେ ବାପାକୁ ଘୋଷାଡି ପୁଅ ମାରୁ ଥିବାର ଦୃଶ୍ୟ । କେଉଁଠି ପୁଅ ବୋହୂ ମିଶି ମାଡ ମାରୁ ଥିବାର ଖବର ତ, ପୁଣି କେଉଁଠି ପୁଅ କୁ ମଦ ପିଇବା କୁ ଟଙ୍କା ନଦେବାରୁ, ବାପ ଉପରେ ମାଡ଼ । କେଉଁଠି ବୁଢା ବାପ ରୋଜଗାର ରେ ପୁଅ ଅୟସ କରୁଛି, ବାପ ପ୍ରତିବାଦ କଲେ ମାଡ଼ ଖାଉଛି । ଯେତେବେଳେ ପୁଅ ଚ଼ାକିରୀ କରି ଭଲ ରେ ରୁହେ, ମା'ବାପା ଙ୍କୁ ଟିକେ ଖୁସିରେ ରଖିବା ପାଇଁ ତା ପାଖରେ ସମୟ ମିଳେ ନାହିଁ । କିନ୍ତୁ ପାର୍କ ରେ ବୁଲିବାକୁ ଆଉ ସିନେମା ଦେଖିବାକୁ ସମୟର ଅଭାବ ନଥାଏ । ଅଫିସ କୁ ମାସ ରେ କେତେ ଥର ଆସନ୍ତି ଓ କେତେ କାମ କରନ୍ତି ଭଗବାନ ଙ୍କୁ ଜଣା । କିନ୍ତୁ ଅଫିସ ର କାର୍ଯ୍ୟ ବ୍ୟସ୍ତତା ଦେଖାଇ ମା'ବାପା ଙ୍କୁ ଅଣଦେଖା କରିଥାନ୍ତି । କେଉଁଠି ମା'ବାପା ଙ୍କୁ ଆମ୍ବୁଲାନ୍ସରେ ମେଡିକାଲ ପଠାଇ ଦେଇ ପୁଅ-ବୋହୂ ନିଜର କର୍ତ୍ତବ୍ୟ ସରିଗଲା ବୋଲି ଭାବନ୍ତି । କେଉଁଠି ପୁଅ ମାନେ, ପରିଣତ ବୟସରେ ମା'ବାପା ଙ୍କୁ ଛାଡିଦେଇ ଯାଆନ୍ତି ବୃଦ୍ଧାଶ୍ରମରେ । ପିତୃ ସତ୍ୟ ପାଳି ପ୍ରଭୁ ଶ୍ରୀରାମ ବନବାସ କୁ ଯାଇଥିଲେ । କିନ୍ତୁ ଏ ସ୍ମାର୍ଟ ଯୁଗର ପୁଅ ମାନେ ନିଜେ ଘରେ ରହି, ମା'ବାପା ଙ୍କୁ ବୃଦ୍ଧାଶ୍ରମ ରେ ଛାଡି ଦେଉଛନ୍ତି । ଏମିତି ଅନେକ ହୃଦୟ ବିଦାରକ ଘଟଣା ସବୁ ଦେଖିବାକୁ ମିଳୁଛି । ଆଜି କେତେ ଯେ ମା'ବାପା ମାନେ, ନିଜ ମନର ଦୁଃଖକୁ ମନରେ ମାରି ଦୁଃଖରେ ଦିନ କାଟୁଛନ୍ତି । ସେମାନଙ୍କ ବିଷୟରେ ଯେତେ ଲେଖିଲେ ବି କମ୍ ହେବ । ଏହା କ'ଣ ଆମ ସଂସ୍କୃତି ? ଏହା କ'ଣ ଆମ ସଭ୍ୟତା ? ହଜିଗଲାଣି ଆମ ସଂପର୍କର ମାନେ, ବଦଳିଗଲାଣି ପରମ୍ପରା, କେବଳ ସ୍ୱାର୍ଥ ରେ ସବୁ କିଛି ଚ଼ାଲିଛି । ଟିଭି, ଖବର କାଗଜ, ସାମାଜିକ ଗଣ ମାଧ୍ୟମ ଓ ବିଭିନ୍ନ ପ୍ରକାର ସଭା ସମିତିରେ ସଚେତନତା କରାଯାଉଛି ଯେ ମା'ବାପା ଙ୍କ ସେବା କରିବା ପାଇଁ, ସେମାନଙ୍କୁ ବୃଦ୍ଧ ଅବସ୍ଥାରେ ଅବହେଳା ନକରିବା ପାଇଁ କିନ୍ତୁ ଯଥା ପୂର୍ବଂ ତଥା ପରଂ । ଯଦି ବାସ୍ତବ ରେ ବୃଦ୍ଧ ମା'ବାପା ଙ୍କ ପାଇଁ ଟିକେ ବି ଦରଦ ଥାଆନ୍ତା, ତେବେ ଏମିତି ଲଜ୍ୟାକର ଘଟଣା ମାନ ଦେଖିବାକୁ କିମ୍ବା ଶୁଣିବାକୁ ମିଳନ୍ତା ନାହିଁ । ପୁଅ ଟିଏ ଜନ୍ମ ହେଲେ ମା'ବାପା ଙ୍କ ର ଖୁସିର ସୀମା ନଥାଏ । ସେମାନେ ପୁଅକୁ ବଡ ମଣିଷ କରିବା ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ପରିଶ୍ରମ କରିଥାନ୍ତି । ମା'ବାପା ଙ୍କ ର ଋଣ, ଆମେ ଜନ୍ମ ଜନ୍ମରେ କେବେବି ସୁଝି ପାରିବା ନାହିଁ । ସେମାନେ ଙ୍କ ତ୍ୟାଗ ର ତୁଳନା ନାହିଁ । ଆମ ସଂସ୍କୃତି ରେ ମା'ବାପା ଙ୍କ ସ୍ଥାନ ସବୁଠୁ ଉର୍ଦ୍ଧରେ । ଆଜି ଯେଉଁ ମାନେ ମା'ବାପା ଙ୍କୁ ହତାଦର କରୁଛନ୍ତି, କାଲି ସେମାନଙ୍କର ବି ବାର୍ଦ୍ଧକ୍ୟ ଆସିବ ।



**ଡ. ଗଣେଶ ଚନ୍ଦ୍ର କୁଣ୍ଡ**

ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା
ମୋ : ୯୯୩୮୦୬୦୮୮୬

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ବନ୍ୟପଶୁ ଓ ମଣିଷ ଲଢେଇରେ ଜିତିବ କିଏ ?

ଆମ ଦେଶରେ ଜନ ସଚେତନତା ଅଭାବରୁ ବନ୍ୟଜନ୍ତୁ ମାନଙ୍କୁ ଉପଯୁକ୍ତ ସୁରକ୍ଷା ମିଳି ପାରୁନାହିଁ। କେତେକ ଅଂଚଳର ଲୋକମାନେ ନିଜ ଜମି, ଫସଲ ଓ ଘରକୁ ଜଙ୍ଗଲୀ ପଶୁଙ୍କ ଠାରୁ ରକ୍ଷା ପାଇଁ ବନ୍ୟ ଜନ୍ତୁଙ୍କୁ ମାରିବାକୁ ବାଧ୍ୟ ହୁଅନ୍ତି ବୋଲି କୁହାଯାଏ। ଅନ୍ୟପକ୍ଷରେ କିଛି ଶିକାରୀ ନିଜର ଖାଦ୍ୟ ଓ ବ୍ୟବସାୟ ପାଇଁ ନିରୀହ ବନ୍ୟ ପଶୁଙ୍କୁ ଶିକାର କରନ୍ତି। ମୋଟ ଉପରେ ବନ୍ୟଜନ୍ତୁଙ୍କୁ ହତ୍ୟା କରିବା ବା ସେମାନଙ୍କ ମୃତ୍ୟୁ ନିଶ୍ଚୟ ଚିନ୍ତାର ବିଷୟ। ଏଥିପାଇଁ ମଣିଷ ଓ ବଣୁଆ ପଶୁଙ୍କ ମଧ୍ୟରେ ବଢୁଥିବା ମୁହାଁମୁହିଁ ସଂଘର୍ଷକୁ ରୋକା ଯିବାର ଆବଶ୍ୟକତା ରହିଛି। ଏହି ଲଢେଇରେ କେବଳ ବହୁ ସଂଖ୍ୟାରେ ପଶୁ ନୁହନ୍ତି, ବରଂ ମଣିଷ ମାନଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ଭାରତ ସରକାରଙ୍କର ଜଙ୍ଗଲ ମନ୍ତ୍ରଣାଳୟର ହିସାବ ଅନୁଯାୟୀ ୨୦୧୪ ରୁ ୨୦୧୭ ମଧ୍ୟରେ ହାତୀ, ବାଘ, ଚିତା ବାଘ ଓ ଭାଲୁ ଭଳି ଜଙ୍ଗଲୀ ପଶୁଙ୍କ ସହ ମଣିଷର ସିଧା ସଂଘର୍ଷ ବେଳେ ୧୬୦୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ପ୍ରତିଦିନ ଗୋଟିଏ ମଣିଷ ମରୁଛନ୍ତି।୨୦୧୯ ମସିହାର ସରକାରୀ ତଥ୍ୟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ କେବଳ ହାତୀ ମାନେ ୨ ହଜାରରୁ ଅଧିକ ଓ ବାଘ ମାନେ ୨୦୦ରୁ ଅଧିକ ଲୋକଙ୍କୁ ମାରିଛନ୍ତି। ଅନ୍ୟ ପକ୍ଷରେ ନିଜ ଫସଲ ରକ୍ଷା ଓ ଜଙ୍ଗଲୀ ପଶୁଙ୍କ ଆକ୍ରମଣରୁ ବଂଚିବା ପାଇଁ ମଣିଷ ମାନେ ମଧ୍ୟ ବହୁ ସଂଖ୍ୟାରେ ଜଙ୍ଗଲୀ ପଶୁଙ୍କୁ ମାରୁଛି। କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ, ଏଭଳି ଶିକାରର ସଠିକ୍ ହିସାବ ସରକାରଙ୍କ ପାଖରେ ନାହିଁ। ଯାହା କିଛି ହିସାବ ଉପଲବ୍ଧ ରହିଛି, ସେଥିରୁ ଜଣା ପଡୁଛି ଯେ, ୨୦୧୯ ମସିହାରେ ଜଙ୍ଗଲୀ ପଶୁଙ୍କ କବଳରୁ ଫସଲ ରକ୍ଷା କରିବାକୁ ୮୦ ଟି ହାତୀ, ୧୨୦ଟି ଜଙ୍ଗଲୀ ବାରହା ଓ ୨୪ ଟି ହରିଣଙ୍କୁ ମରା ଯାଇଥିଲା। ଏହି ସମୟରେ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର ଫସଲ ନଷ୍ଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ତେବେ କୋଭିଡ୍-୧୯ର ଲକ୍ ଡ଼ାଉନ୍ ସମୟର ଅଭାବନୀୟ ଘଟଣା ଗୁଡ଼ିକ ସମସ୍ତଙ୍କ ପାଇଁ ଘୋର ଚିନ୍ତାର କାରଣ ହୋଇଛି। ଲକ୍ ଡ଼ାଉନ୍ ର ସୁଯୋଗ ନେଇ ପଶୁ ଶୀକାରୀ ମାନେ ମନ ଇଛା ଲାଭ ଉଠାଇଛନ୍ତି। ୱାଇଲ୍ଡ ଲାଇଫ୍ ଟ୍ରେଡ୍ ମନିଟରିଙ୍ଗ ନେଟୱାର୍କ ଟ୍ରାଫିକ୍ ନିଜର ଏକ ରିପୋର୍ଟ "ଇଣ୍ଡିଆନ୍ ୱାଇଲ୍ଡ ଲାଇଫ୍ ଏମିଡ୍‌ଷ୍ଟ ଦି କୋଭିଡ୍-୧୯ କ୍ରାଇସିସ୍"ରେ କହିଛି ଯେ, ଲକ୍ ଡ଼ାଉନ୍ ସମୟରେ ବନ୍ୟଜନ୍ତୁ ମାନଙ୍କୁ ବେଆଇନ ଭାବେ ମାରିବା ଘଟଣା ୧୫୧ ଶତକଡ଼ାକୁ ବଢି ଯାଇଛି। ସବୁଠୁ ଅଧିକ ହାତୀ, ଗଣ୍ଡା, ଓଟ, ହରିଣ, ମଇଁଷି ଓ ଘୁଷୁରୀ ଆଦି ପଶୁଙ୍କୁ ଖାଇବା ସହିତ ବେପାର ପାଇଁ ହତ୍ୟା କରାଯାଇଛି। ଜଙ୍ଗଲ ଧ୍ୱଂସ ପାଇବା ସହିତ ମଣିଷ ଓ ବନ୍ୟ ପଶୁଙ୍କ ମଧ୍ୟରେ ସଂଘର୍ଷ ବଢି ଚାଲିଛି। ଏଣୁ ଏହାର ସ୍ଥାୟୀ ସମାଧାନ ପାଇଁ ସରକାରୀ ସ୍ତରରେ ଉଦ୍ୟମ ହେବା ଉଚିତ। ଏଥିପାଇଁ ଅତି କମ୍‌ରେ ଜଙ୍ଗଲ ଗୁଡ଼ିକୁ ଲୁହା ତାର କିମ୍ବା ପ୍ଲାଷ୍ଟିକ ଦ୍ୱାରା ଆବଦ୍ଧ କରାଯିବା ଉଚିତ। ଏହାଦ୍ୱାରା ବନ୍ୟ ଜନ୍ତୁ ବାହାରକୁ ଆସି ଲୋକଙ୍କୁ ଆକ୍ରମଣ କରି ପାରିବେ ନାହିଁ କି ଫସଲ ନଷ୍ଟ କରିବେ ନାହିଁ। ପୁଣି କିଛି କେମିକାଲ୍ ଦ୍ରବ୍ୟ ଛିଂଚି ମଧ୍ୟ ପଶୁଙ୍କୁ ଫସଲ ଠାରୁ ଦୂରକୁ ବାହାର କରି ଦିଆ ଯାଇପାରେ।



ଶରତ କୁମାର ରାଉତ

ଅନ୍ୟ ପକ୍ଷରେ ଢୋଲ ପିଟିବା, ନିଆଁ ଜାଳିବା, ବାଣ ଫୁଟାଇବା ଭଳି ଅନେକ ପୁରୁଣା ଉପାୟ ରହିଛି, ଯାହା ଦ୍ୱାରା ଜଙ୍ଗଲୀ ପଶୁଙ୍କୁ କୌଣସି କଷ୍ଟ ନଦେଇ ନିଜର ଫସଲ ବା ଜୀବନକୁ ସୁରକ୍ଷିତ ରଖା ଯାଇପାରିବ। ଏହା ଛଡ଼ା ଡ୍ରୋନ୍ କ୍ୟାମେରା ଓ ରୋବଟ୍‌ର ସହାୟତାରେ ମଧ୍ୟ ଫସଲ ଉପରେ ନଜର ରଖା ଯାଇପାରିବ। କେତେକ ସ୍ଥାନରେ ବନ ବିଭାଗ ମଧ୍ୟ 'ଆନିମଲ୍ ଫ୍ରେଣ୍ଡଲି'କାର୍ଯ୍ୟକ୍ରମ ଆରମ୍ଭ କରିଛି। ତାମିଲନାଡୁରେ ହାତୀ ମାନଙ୍କୁ ରେଳ ଦୁର୍ଘଟଣାରୁ ସୁରକ୍ଷା ଦେବା ପାଇଁ କୋଏମ୍ବାଟୁରରେ ରେଳ ଲାଇନର ଦୁଇ ପାର୍ଶ୍ୱରେ ସେଂସର ଲଗା ଯାଇଛି। ଯେତେବେଳେ ହାତୀ ମାନେ ରେଳ ଧାରଣା ପାଖରେ ପହଂଚିବେ, ସଙ୍ଗେ ସଙ୍ଗେ ଆଲାର୍ମ ମାଧ୍ୟମରେ ସେମାନଙ୍କୁ ସୂଚନା ମିଳିଯିବ। ପୁଣି ହାତୀ ମାନଙ୍କୁ ସେଠାରୁ ବାହାର କରିବା ସହିତ ଟ୍ରେନ୍ ଚାଳକ ଗତିକୁ କମ୍ କରିବା ପାଇଁ ନିର୍ଦ୍ଦେଶ ଦିଆ ଯାଇଛି। ସେଠାରେ ମଧ୍ୟ ଦକ୍ଷିଣ ରେଳ ବିଭାଗ ଦ୍ୱାରା ମହୁମାଛି ଗୁଡ଼ିକର ଧ୍ୱନିକୁ ରେକର୍ଡ଼ କରି ଲାଉଡ଼ ସ୍ପିକର ମାଧ୍ୟମରେ ବଜା ଯାଉଛି। ଯେହେତୁ ହାତୀ ମାନେ ମହୁମାଛି ଗୁଡ଼ିକୁ ଡ଼ରନ୍ତି। ଯେତେବେଳେ ସେମାନେ ରେଳ ଧାରଣା ପାଖରେ ପହଂଚି ଯାଆନ୍ତି, ସେମାନଙ୍କୁ ଏହି ଧ୍ୱନି ଦ୍ୱାରା ଡ଼ରାଇ ସେଠାରୁ ବାହାର କରି ଦିଆଯାଏ। ସେହିପରି ଓଡ଼ିଶାରେ କ୍ରମେ ଜଙ୍ଗଲ ଧ୍ୱଂସ ପାଇ ଚାଲିଥିବାରୁ ହାତୀ ଓ ବନ୍ୟଜନ୍ତୁ ନିଜର ଚଳପ୍ରଚଳ ପାଇଁ ଯାଗା ଖୋଜୁ ଖୋଜୁ ମଣିଷ ଓ ସେମାନଙ୍କ ମଧ୍ୟରେ ସଂଘର୍ଷ ହେଉଛି। କେତେବେଳେ ଜଙ୍ଗଲୀ ଜୀବ ମରୁଛନ୍ତି ତ କେତେବେଳେ ମଣିଷ ମାନେ ମରୁଛନ୍ତି। ଏକ ସମୀକ୍ଷାରୁ ଜଣା ପଡ଼ିଛି ଯେ, ଗତ ୮ବର୍ଷ ଭିତରେ ୫୬୮ଜଣ ଲୋକଙ୍କୁ ହାତୀ ଦଳି ମାରିଥିବା ବେଳେ ୩୩୬ ଜଣଙ୍କୁ ଆହତ କରିଛନ୍ତି। ଆଉ ହାତୀ ମାନେ ୭,୮୬୦ ଜଣଙ୍କ ଘର ଭାଙ୍ଗିଥିବାବେଳେ ୯୭,୫୮୦ ଏକର ଜମି ଦଳି ନଷ୍ଟ କରିଛନ୍ତି ଓ ଏଥିଯୋଗୁ ୧,୯୮,୧୬୬ ଜଣ ପ୍ରଭାବିତ ହୋଇଛନ୍ତି। ଆହୁରି ଜଣା ପଡ଼ିଛି ଯେ, ଏ ବାବଦରେ ସରକାର୧୩ କୋଟି ୩୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇଛନ୍ତି। ଏହା ଛଡ଼ା ହାତୀ ମାନଙ୍କର ଉପଦ୍ରବ ଯୋଗୁ ଅନେକ ପରିବାର ଉଜୁଡ଼ି ଯାଇଛି। ସେହିପରି ମଣିଷ ଆତ୍ମରକ୍ଷା ପାଇଁ ୩୨ ଟି ହାତୀ ଶିକାର କରିଥିବା ବେଳେ ୧୦ ଟି ହାତୀ ବିଷପାନ ଯୋଗୁ ଓ ୪୨ ହାତୀ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଛନ୍ତି। ଏମିତି ବିଭିନ୍ନ କାରଣରୁ ରାଜ୍ୟରେ ଶହ ଶହ ହାତୀ ମରିଛନ୍ତି। କେତେକ ରାଜ୍ୟରେ ହାତୀ ମାନଙ୍କ ଗତିବିଧି ଜାଣିବାକୁ ଡ୍ରୋନ୍ ର ବ୍ୟବହାର କରାଯାଉଛି। କିନ୍ତୁ ଏବେ ମଧ୍ୟ ପ୍ରଶ୍ନ ଉଠୁଛି ଯେ, ରାସ୍ତା, ପୋଲ, ରେଳ ଲାଇନ୍ କୁ କିପରି ବ୍ୟବସ୍ଥା କଲେ, ପଶୁ ଓ ମଣିଷ ଭିତରେ ସଂଘର୍ଷ ହେବ ନାହିଁ ? ତେବେ ଏଥିପାଇଁ ୱାଇଲ୍ଡ ଲାଇଫ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ, ନେସନାଲ୍ ହାଇୱେ ଅଥରିଟୀ, ନେସନାଲ୍ ଟାଇଗର କଂଜର୍ଭେସନ୍ ଅଥରିଟୀ ଓ ବିଶ୍ୱ ବ୍ୟାଙ୍କର ସହଯୋଗରେ 'ଇକୋ ଫ୍ରେଣ୍ଡଲୀ' ଦିଗ ନିର୍ଦ୍ଦେଶ ପ୍ରସ୍ତୁତ ହୋଇଛି, ଯାହାର ଲାଭ ମିଳିବା ଆରମ୍ଭ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏବେ ମଣିଷ ଓ ପଶୁଙ୍କ ମଧ୍ୟରେ ବଢୁଥିବା ସଂଘର୍ଷ କୁ ତୁରନ୍ତ ରୋକା ଯିବାର ଆବଶ୍ୟକତା ରହିଛି। ଏଥିପାଇଁ ଗ୍ରାମବାସୀଙ୍କୁ ବନ୍ୟ ପଶୁଙ୍କ ସହିତ ବନ୍ଧୁତାର ବ୍ୟବହାର ପାଇଁ ଶିକ୍ଷା ଦେବା ସହ ସଚେତନ କରିବାକୁ ପଡ଼ିବ। ବନ୍ୟ ଜୀବଙ୍କ ପ୍ରତି ଢେର ସମ୍ବେଦନଶୀଳ ହେବାକୁ ମଧ୍ୟ ସେମାନଙ୍କୁ ଶିକ୍ଷା ଦାନ ଜରୁରୀ। ସେହିପରି ଜଙ୍ଗଲ ବିଭାଗ ଅଧିକାରୀ ଓ କର୍ମଚାରୀ ମାନେ ନିଷ୍ଠାର ସହ ନିଜ କର୍ତବ୍ୟ ସଂପାଦନ କରନ୍ତୁ। ଏହାଦ୍ୱାରା ବନ୍ୟପଶୁ-ମଣିଷର ଲଢେଇ ଥମି ପାରିବ ତଥା ଗୋଟିଏ ବିଶାଳ ଜୀବ ହାତୀ ବଂଚି ରହିବ ଆଗାମୀ ମଣିଷ ମାନଙ୍କ ପାଇଁ। ଅନ୍ୟଥା ହାତୀ ବା ବଣୁଆ ଜୀବ ଓ ମଣିଷ ମାନଙ୍କ ମଧ୍ୟରେ ଯୁଦ୍ଧ କ୍ରମେ ଭୟଙ୍କର ରୂପ ଧାରଣ କରିବ ଓ ନିକଟ ଭବିଷ୍ୟତରେ ମଣିଷ ଜିତିଯିବ ଆଉ ହାତୀ ସମେତ ବନ୍ୟପଶୁ ମାନେ ସବୁଦିନ ପାଇଁ ହାରିଯିବେ।

ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର,
ମୋ:୯୩୩୭୩୬୯୪୪୮

# ନବମ ରାଷ୍ଟ୍ରପତି-ଡକ୍ଟର ଶଙ୍କର ଦୟାଲ୍ ଶର୍ମା

ଦେଶଭକ୍ତ,ଚିନ୍ତାନାୟକ,ମାତୃଭକ୍ତ, ପରୋପକାରୀ, ମାନବପ୍ରେମୀ, ନିର୍ଭିକ ସଂଗ୍ରାମୀ ଜନନାୟକ ଶଙ୍କର ଦୟାଲ ଭୋପାଳ ନଗରୀର ମଧଭାଗରେ ବାଲି ଗଳିର ପଣ୍ଡିତ ଖୁସୀଲାଲ ଶର୍ମା ଓ ସୁଭଦ୍ରା ଦେବୀ ଙ୍କ କୋଳ ମଣ୍ଡନ କରି ୧୯୧୮ ମସିହା ଅଗଷ୍ଟ ୧୯ ତାରିଖରେ ଜନ୍ମ ନେଲେ। ତାଙ୍କର ପିତା ଖୁସିଲାଲ ସବୁବେଳେ ଭଗବାନ ଶଙ୍କର ଙ୍କୁ ପୂଜା ଆରଧନା କରୁଥିବାରୁ ପ୍ରଥମ ପୁତ୍ର ର ନାମ ଶଙ୍କର ଦୟାଲ ଦେଇଥିଲେ। ପୁତ୍ରର ଜାତକରୁ ପଣ୍ଡିତ ଖୁସିଲାଲ ଜାଣିଥିଲେ ଯେ ପୁଅ ଦିନେ ବଡ ମଣିଷ ହେବ ଓ ଜାତିର ନାମ ଟେକ ରଖିବ। ଶଙ୍କର ଛୋଟ ଥିବା ସମୟରେ ତାଙ୍କର ମା ସୁଭଦ୍ରା ଦେବୀ ଆଖି ବୁଜି ଦେଲେ । ଖୁସିଲାଲ ପରିବାରର ଦାୟିତ୍ୱ ସମ୍ଭାଳିବା ପାଇଁ ଲେଖାରେ ଶାଳୀ ସମ୍ପତ୍ ବାଇ ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ସମ୍ପତ୍ ବାଇ ଚାରୋଟି ପୁଅଜନ୍ମ ଦେଲେ ଶମ୍ଭୁ,ଶିବ,ଇଶ,ଓ ସୋମେଶ ଘରର ବଡ ପୁଅ ଶଙ୍କର ପ୍ରତି ଟିକିଏ ହେଲେ ସ୍ନେହ ଶ୍ରଦ୍ଧା , ମା ସମ୍ପତ୍ ଉଣା କରୁ ନଥିଲେ। ଶଙ୍କର ଦୟାଲଙ୍କର ପିତା ବୈଷ୍ଣବ ଧର୍ମ ଗ୍ରହଣ କରିଥିବାରୁ ,ପରିବାରରେ ସର୍ବଦା ପୂଜା-ପାଠ,ବ୍ରତ,ଉପବାସ,ନାମ କୀର୍ତନ ଚାଲିଥାଏ।ଏହି ଧାର୍ମିକ ଭାବନା ଶଙ୍କରଙ୍କ ଉପରେ ପଡିଥିଲା। ତେଣୁ ଶଙ୍କର କହୁଥିଲେ ଭୋଜନ ଓ ପୂଜା ଦୁଇଟି ଯାକ ଜୀବନ ପାଇଁ ଆବଶ୍ୟକ। ଭୋଜନ ଶରୀରକୁ ଶକ୍ତି ଯୋଗାଏ ଓ ପୂଜା ପାଠ ଆତ୍ମାକୁ ସୁଦୃଢ କରିଥାଏ। ଭୋପାଳର ରାମକୃଷ୍ଣ ପାଠଶାଳାରେ ଶଙ୍କର ଦୟାଲପାଠପଢା ଆରମ୍ଭ କରିଥିଲେ। ପାଠପଢା ସହିତ ଖେଳକୁଦ ଓ କୁସ୍ତିରେ ସେ ଧୁରନ୍ଧର ଥିଲେ। ଭୋପାଳରେ ରହି ସେ ଆଇ.ଏ. ପରିକ୍ଷାରେ ଉତୀର୍ଣ୍ଣ ହେଲେ। ଆଗ୍ରାର ସେଣଟଜୋନସ୍ କଲେଜରେ ନିଜର ପଢାପଢି ସହିତ ସାହିତ୍ୟ,କଳା ସଂସ୍କୃତି ବହିମାନ ପାଠାଗାରରୁ ଆଣି ପଢାପଢି କରୁଥିଲେ।ଆଗ୍ରାରୁ ବି.ଏ. ପାଶ୍ କରି ଲକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ପାଠ ପଢିଲେ। ସେଠାରେ ସେ ହିନ୍ଦି,ଇଂରାଜୀ ଓ ସଂସ୍କୃତରେ ଏମ.ଏ ପାଶ୍ କରିଥିଲେ। ତାପରେ ସେ ଏଲ୍.ଏଲ୍.ବି.ଓ ଏଲ୍.ଏଲ୍.ଏମ୍.ଉପାଧି ଲାଭ କଲେ। ପାଠପଢା ପରେ ସେ ସେହି ବିଶ୍ୱ ବିଦ୍ୟାଳୟରେ ଅଧ୍ୟାପନ କରିଥିଲେ।ଚାକିରୀ ପରେ ତାଙ୍କ ପରିବାରର ଆର୍ଥିକ ସମସ୍ୟା ଟିକେ ଦୂର ହୋଇ ପାରିଲା। ଅଧିକ ପଢିବା ଓ ଜାଣିବା ପାଇଁ ଶଙ୍କର ଦୟାଲ ବିଦେଶ ଯାତ୍ରା କରିଥିଲେ। ଲଣ୍ଡନରୁ ବାରିଷ୍ଟରି ସାଧାରଣ ପ୍ରଶାସନରେ ଡିପ୍ଲୋମା ,ଏଫ.ଆର.ସି ଉପାଧି ଲାଭ କରି କେମ୍ବ୍ରିଜ ବିଶ୍ୱବିଦ୍ୟଳୟରୁ ଆଇନ ଡକ୍‌ଟରେଟ ଉପାଧି ଲାଭ କଲେ । ହାୱାର୍ଡ଼ ବିଶ୍ୱବିଦ୍ୟାଳୟରୁ କେତେକ ଡିଗ୍ରୀ ପ୍ରାପ୍ତ ହୋଇଥିଲେ। ବିଦେଶରୁ ଉଚ୍ଚ ଶିକ୍ଷା ଲାଭ କରି ସେ ଭାରତକୁ ଫେରିଆସିଲେ।ଲେକ୍ଷ୍ନୌ ବିଶ୍ୱ ବିଦ୍ୟାଳୟରେ ଅଧାପନା କଲେ।

ଶଙ୍କର ଦୟାଲ ନିଜ ଜୀବନରେ ଦୁଇ ଥର ବିବାହ କରିଥିଲେ। ପ୍ରଥମେ ବାଲ୍ୟ ବିବାହ ସାବିତ୍ରୀ ଦେବୀଙ୍କ ସହିତ ହୋଇଥିଲା ଗୋଟିଏ ପୁତ୍ର ସନ୍ତାନ ଜନ୍ମ ଦେବା ପରେ ସାବିତ୍ରୀ ଦେବୀ ପ୍ରାଣ ତ୍ୟାଗ କରିଥିଲେ।ତେଣୁ ଶଙ୍କର ଦଲାଲ ଦ୍ୱିତୀୟ ବିବାହ ବିମଳା ଦେବୀ ଙ୍କ ସହିତ କରିଥିଲେ।ବିମଳାଙ୍କ ଗର୍ଭରୁ ଗୋଟିଏ ପୁଅ ଓ ଦୁଇଟି ଝିଅ ଜନ୍ମ ହୋଇଥିଲେ। ବିମଳା ଦେବୀ ରଜସ୍ଥାନର ଏକ ଆଭିଜାତ୍ୟ ଶକ୍ଷିତ ପରିବାରୁ ଆସିଥିଲେ।ସେ ଜଣେ ଧର୍ମ ପରାୟଣା ,ପତିବ୍ରତା ନାରୀ ଥିଲେ। ଶଙ୍କର ଦୟାଲ ଙ୍କ ରାଜନୈତିକ ଜୀବନ ସାଥୀ ଥିଲେ। ଶଙ୍କର ଦୟାଲ ବ୍ରାହ୍ମଣ ହୋଇପୂଜା ପାଠ ପ୍ରତିଦିନ କରୁଥିଲେ।ଖାଇବା ପୂର୍ବରୁ ଖାଦ୍ୟକୁ ଇଶ୍ୱରଙ୍କୁ ସମର୍ପଣ କରୁଥିଲେ। ଧର୍ମ ନାମରେ ଛୁଆଁ ଅଛୁଆଁ କୁ ସେ ବିଶ୍ୱାସ କରୁନ୍ତି ନାହିଁ। ଛୋଟ ବେଳୁ ଶଙ୍କର ଦୟାଲଗୁରୁଜନ ମାନଙ୍କୁ ଭକ୍ତି କରୁଥିଲେ।ଯେଉଁ ସମୟରେ ଗାନ୍ଧି ଟୋପି ପନ୍ଧିବାକୁ ଲୋକେଭୟ କରୁଥିଲେ ସେହି ସମୟରୁ ସେ ଟୋପିପିନ୍ଧୁଥିଲେ।ଭାରତ ସ୍ୱାଧୀନ ହେଲାପରେ କେତେଗୁଡିଏ ଛୋଟ ଛୋଟ ଦେଶୀୟ ରାଜ୍ୟ ସ୍ୱତନ୍ତ୍ର ଭାବରେ କାର୍ଯ୍ୟ କରୁଥାଆନ୍ତି। ଭୋପାଳରେ ଅତ୍ୟାଚାରି ନବାବ ହମୀଦ୍ ଉଲ୍ଲାହଖାଁ ଶାସନ କରୁଥିଲେ। ନବାବ ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ ଓ ଇଂରେଜ ଙ୍କୁ ସମର୍ଥନ କରୁଥିଲେ। ଭି.ପି.ମେନନ୍ ମଧ ଭୋପାଳକୁ ଭାରତରେ ମିଶାଇ ପାରିଲେ ନାହିଁ। ଏହିଭଳି ପରିସ୍ଥିତି ଭିତରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଆରମ୍ଭ ହୋଇଗଲା। ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ଥିଲେ ଶଙ୍କର ଦୟାଲ।ଏହିଖବର ପାଇ ମା ସମ୍ପତ୍ ବାଈ ଅଧିକ ବ୍ୟସ୍ତ ହୋଇ ପଡିଲେ। ଅତ୍ୟାଚାରି ନବାବର କଠୋର ଶାସନ ମା ମନକୁ ଶଙ୍କିତ କରୁଥିଲା। ଆନ୍ଦୋଳନରେ ଶଙ୍କର ଦୟାଲ ଙ୍କ ସହିତ ଲାଲ ସିଂହ,ଭୈରବ ପ୍ରସାଦ ଓ ଉଦ୍ଧବ ଦାସ,ମେହେଟ୍ଟା ମଧ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ନବାବ ଆନ୍ଦୋଳନ କାରୀଙ୍କ ଉପରେ ଦମନ ଲୀଳା ଆରମ୍ଭ କରିଦେଲେ। ପୋଲିସ୍ ଗୋଳି ମାଡରେ ଅନେକ ସହିଦ ହୋଇଗଲେ। ଅତ୍ୟାଚାରି ନବାବ ଲୋକ ଶକ୍ତି ଆଗରେ ହାର ମାନିଲେ। ଶଙ୍କର ଦୟାଲ ଜେଲ ଗଲେ କିନ୍ତୁ ତାଙ୍କ ଜନ୍ମ ମାଟି ଭୋପାଳ ରାଜ ଶାସନରୁ ମୁକ୍ତ ହୋଇ ସବୁଦିନ ପାଇଁ ସ୍ୱାଧୀନ ଭାରତରେ ଯୋଗ ହୋଇଗଲା।୧୯୪୯ ମସିହା ଜୁନ୍ ୧ ତାରିଖରେ ଭୋପାଳ ଦେଶୀୟ ରାଜ୍ୟଟି ବିଧିବଦ୍ଧ ଭାବରେ ଭାରତ ସହିତ ମିଶିଲା।ଶଙ୍କର ଦୟାଲ ଭୋପାଳ କଂଗ୍ରେସ କମିଟିର ଅଧ୍ୟକ୍ଷ ହୋଇ ବେସରିୟା ବିଧାନସଭା କ୍ଷେତ୍ରରୁ ନିର୍ବାଚିତ ହେଲେ। ଭୋପାଳର ନବଗଠିତ ମନ୍ତ୍ରୀ ମଣ୍ଡଳର ନେତା ଭାବେ ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ଭାବରେ ଶପଥ ଗ୍ରହଣ କଲେ।ଶଙ୍କର ଦୟାଲ ମାତ୍ର ୩୪ ବର୍ଷ ବୟସରେଙ୍କ ଏଭଳି ସୌଭାଗ୍ୟ ପ୍ରାପ୍ତ ହୋଇଥିଲେ।ପରବର୍ତୀ ସମୟରେ ଶଙ୍କର ଦୟାଲ ମଧ୍ୟପ୍ରଦେଶ ରାଜ୍ୟର ଶିକ୍ଷା,ଲୋକନିର୍ମାଣ,ବାଣିଜ୍ୟ ଓ ଉଦ୍ୟୋଗ ମନ୍ତ୍ରୀ ହୋଇଥିଲେ। ମଧ୍ୟପ୍ରଦେଶ କଂଗ୍ରେସ କମିଟିର ଅଧକ୍ଷ ଭାବେ ସେ ନିର୍ବାଚିତ ହେଲେ।



**ଅକ୍ଷୟ କୁମାର ରାଉତ**

ଏସ୍.ନିଜଲିଙ୍ଗପା ତାଙ୍କୁ କେନ୍ଦ୍ରିୟ କମିଟିର ମହାମନ୍ତ୍ରୀ ପଦରେ ଅବସ୍ଥାପିତ କରିଥିଲେ। ନିଜଲିଙ୍ଗପା ଓ ଇନ୍ଦିରାଗାନ୍ଧୀ ଙ୍କ ମଧରେ ମତ ପାର୍ଥକ୍ୟ ହେବାରୁ କଂଗ୍ରେସ ଦୁଇ ଭାଗ ହୋଇଗଲା। ଶଙ୍କର ଦୟାଲ ଇନ୍ଦିରା ଗାନ୍ଧୀଙ୍କ ନୀତିକୁ ସମର୍ଥନ କରି କଂଗ୍ରେସ(ଆର)ରେ ଯୋଗ ଦେଲେ। ଏପରି ସମୟ ଆସିଲା ଶଙ୍କର ଦୟାଲ ଦଳର ଅଧକ୍ଷ ହେଲେ। ଏହି ସମୟରେ ବ୍ୟାଙ୍କ ଗୁଡିକ ରାଷ୍ଟ୍ରୀୟକରଣ ହେଲା। ଅଧକ୍ଷ ପଦରେ ଦୁଇବର୍ଷ କାର୍ଯ୍ୟ କରି ଇନ୍ଦିରା ଗାନ୍ଧୀଙ୍କ ମନ୍ତ୍ରୀ ମଣ୍ଡଳରେ ସଂଚାର ମନ୍ତ୍ରୀ ଭାବରେ କାର୍ଯ୍ୟ କଲେ।

ମନ୍ତ୍ରୀ ଭାବରେ ପଂଚମ ପଂଚବାର୍ଷିକ ଯୋଜନାରେ ୩୧ ହଜାର ନୂଆ ଡାକଘର ଖୋଲାଇଥିଲେ।ଏହାପରେ ଶଙ୍କର ଦୟାଲ ଆନ୍ଧ୍ରପ୍ରଦେଶ,ପାବ ଓ ମହାରାଷ୍ଟ୍ର ର ରାଜ୍ୟପାଳ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।ଆନ୍ଧ୍ରର ରାଜ୍ୟପାଳ ଥିବା ସମୟରେ ଉଗ୍ରପନ୍ଥୀ ମାନେ ତାଙ୍କ ଝିଅ ଗୀତାଳି ଓ ଜ୍ୱାଇଁ ଲଳିତ ମାକନଙ୍କୁ ନିର୍ମମ ଭାବେ ହତ୍ୟା କରିଥିଲେ।ଏହି ଦୁଃଖ କୁ ସେ ଧୈର୍ଯ୍ୟ ର ସହିତ ସହିଗଲେ।୧୯୮୭ ମସିହା ଜୁଲାଇ ମାସରେ ସେ ଭାରତର ଅଷ୍ଟମ ଉପରାଷ୍ଟ୍ରପତି ହେଲେ।ଏହି ସମୟରେ ଭାରତର ପ୍ରଧାନ ମନ୍ତ୍ରୀ ଥିଲେ ରାଜୀବ ଗାନ୍ଧୀ । ମାଆ ସମ୍ପତ୍ ଦେବୀଙ୍କ ମନରେ ଚିନ୍ତା ପଶିଛି। ସେ ଆଉ ପୁଅ ମନ ପସନ୍ଦର ଲଡୁ,ବାଇଗଣ ଭର୍ତା,ଆମ୍ବ ଓ ସୀତାଫଳ ଖୁଆଇ ପାରିବେନି।ସବୁ ଖାଦ୍ୟ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା ଓ ନୀରିକ୍ଷା ହେବ । ସେ ଅବୁଝା ମାଆର ପୁଅ ଆମ ଭାରତର ନବମ ରାଷ୍ଟ୍ରପତ ଡକ୍ଟର ଶଙ୍କର ଦୟାଲ ଶର୍ମା ।ଶଙ୍କର ଦୟାଲ ଶର୍ମା ରାଷ୍ଟ୍ରପତି ନିର୍ବାଚନରେ ରାମଜେଠାମାଳିନୀ ଓ ଯୋଗିନ୍ଦର ସିଂହ ଧରତିପାପକଡଙ୍କ ସହିତ ଲଢିଲେ ଏବଂ ୬ ଲକ୍ଷ ୭୫ ହଜାର ୮ ଶହ ଚଉଷଠି ଭୋଟ ପାଇଁ ନବମ ରାଷ୍ଟ୍ରପତି ଭାବେ ୧୯୯୨ ମସିହା ଜୁଲାଇ ୨୫ ତାରିଖରେ ଶପଥ ଗ୍ରହଣ କରିଥିଲେ। ତାଙ୍କର ଅଗାଧ ଜ୍ଞାନ ପାଇଁ ଦେଶ ତଥା ବିଦେଶର ବହୁ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନ ସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ସମୟର ସଦୁପେଯୋଗ ସହିତ ଲେଖିବା ଓ ପଢିବା ଥିଲା ତାଙ୍କ ଜୀବନର ନିଶା। ସେ ଅଧିକ ଶୁଣନ୍ତି କମ୍ କଥା କୁହନ୍ତି। ସେ ସମସ୍ତ ବିଚାର ବିବେକ ଦ୍ୱାରା କାର୍ଯ୍ୟ କରୁଥିଲେ। ଶଙ୍କର ଦୟାଲ ଦେଶ କଥା ବୁଝିବା ସହିତ ନିଜ ପରିବାରର କଥା ମଧ ବୁଝୁଥିଲେ। ନିଜର ମାତୃଭୂମି ପାଇଁ ବହୁ କାର୍ଯ୍ୟ କରି ୧୧୯୭ ମସିହା ଜୁଲାଇ ୨୫ ତାରିଖ ସେ ରଷ୍ଟ୍ରପତି ପଦରୁ ଅବସର ଗ୍ରହଣ କଲେ। ସବୁଦିନପାଇଁ ରାଷ୍ଟ୍ରପତିଭବନର ସୌନ୍ଦର୍ଯ୍ୟକୁ ପଛରେ ପକାଇ ଦିଲ୍ଲୀ ସ୍ଥିତ ତେଇଶି ସଂପଦର ଜଙ୍ଗ ବାସ ଭବନରେ ନିଜର ପରିବାର ସହିତ ରହି ଦେଶ ସେବା ଜନହିତକର କାର୍ଯ୍ୟ ରେମନ ପ୍ରାଣ ଢାଳୀ ଦେଲେ।ସେଦିନ ଥିଲା ୧୯୯୯ ମସିହା ଡିସେମ୍ବର ମାସ ୨୬ ତାରିଖ ହଠାତ୍ ତାଙ୍କ ଦେହ ଅସୁସ୍ଥ ହୋଇପଡିଲା । ଡାକ୍ତର ଙ୍କର ବହୁ ଚେଷ୍ଟା ସତ୍ୱେ ତାଙ୍କର ପ୍ରାଣ ବାୟୁ ଉଡିଯାଇଥିଲା । ତାଙ୍କର ମର ଶରୀରକୁ ଯମୁନା ନଦୀକୂଳରେ ୨୧ ଥର ତୋପ ସଲାମୀ ଓ ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟଦାରେ ବେଦ ମନ୍ତ୍ର ପାଠ ଦ୍ୱାରା ଦାହ କରାଗଲା । ତାଙ୍କର ପୁତ୍ର ଆସୁତୋଷ ଶର୍ମା ମୁଖାଗ୍ନି ଦେବା ସମୟରେ ମାଆ ସମ୍ପତ୍ ଦେବୀ ଉପସ୍ଥିତ ଥିଲେ। ଶଙ୍କର ଦୟାଲ ହଜିଗଲେ ସତ ମାତ୍ର ତାଙ୍କର କାର୍ଯ୍ୟ ପାଇଁ ସେ ଚିରଦିନ ଭାରତ ମାତାର ବରପୁତ୍ର ଭାବେ ଅମର ହୋଇ ରହିଗଲେ।

ପାରାଦ୍ୱୀପ ଗଡ,କୁଜଙ୍ଗ
ଜଗତସିଂହପୁର
ମୋ -୯୯୩୭୬୯୧୪୭୫




# ଫିଟ୍ ରଖିବ ଉଷୁମ ପାଣି



ଏହା ଭିତରେ ଶୀତଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଚାଲିଛି। ଅଳ୍ପ ଦିନ ପାଇଁ ହେଲେ ବି ସାଧାରଣତଃ ଶୀତଋତୁ ଶେଷ ବେଳକୁ ପାଣିପାଗଜନିତ ଆକସ୍ମିକ ଶୀତ ଓ କୁହୁଡ଼ିର ଥଣ୍ଡା ଅନେକଙ୍କ ଶାରୀରିକ ସମସ୍ୟା ସୃଷ୍ଟି କରିଥାଏ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଜଳ ଅନିବାର୍ଯ୍ୟ। ସୁସ୍ଥ ଶରୀର ପାଇଁ ଦିନକୁ ୩-୪ ଲିଟର ପାଣି ଆବଶ୍ୟକ। ଏହା ସାଙ୍ଗକୁ ସକାଳୁ ଏକ ଲିଟର ଉଷୁମ ପାଣି ଶରୀରର ଯାବତୀୟ ସମସ୍ୟାକୁ ଦୂର କରି ଏକଦମ୍ ଫିଟ ରଖିବାରେ ସହାୟକ ହୋଇଥାଏ। ଏଥିପାଇଁ କୌଣସି ଖର୍ଚ୍ଚାନ୍ତ ହେବାକୁ ପଡ଼ିବନି କି ପରିଶ୍ରମ କରିବାକୁ ପଡ଼ିବନି। କେବଳ ଦୁଇ ମିନିଟ ପାଣି ଉଷୁମ କରି ଏହାକୁ ପିଇବେ ଆଉ ସୁସ୍ଥ ରହିବେ। ଉଷୁମ ପାଣିରେ କି କି ସମସ୍ୟା ଦୂର ହୋଇପାରିବ ଏବେ ଜାଣିବା...

**ପାଚନ କ୍ରିୟା ସୁଦୃଢ଼ :** ଯଦି ଖାଦ୍ୟ ହଜମ ହେଉନଥାଏ, ବଦହଜମି ହେଉଥିଲେ, ତାହାଲେ ଜାଣିବେ ଯେ ପାଚନ କ୍ରିୟା ସୂଚାରୁ ରୂପେ କାର୍ଯ୍ୟକାରୀ ହେଉନାହିଁ। ଏଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ, ପିଅନ୍ତୁ ଉଷୁମ ପାଣି। ଏହି ସମସ୍ୟାକୁ ସହଜରେ ଦୂର ହେବ। ପ୍ରତିଦିନ ସକାଳୁ ଉଷୁମ ପାଣି ପିଇଲେ ଏହା ପାଚନ କ୍ରିୟାର ଗ୍ରନ୍ଥିକୁ ସୂଚାରୁ ରୂପେ କାର୍ଯ୍ୟକାରୀ କରିଥାଏ। ଏହା ଖାଦ୍ୟକୁ ନମନୀୟ କରିଦିଏ। ଫଳରେ ପାଚନ କ୍ରିୟା ଉପରେ ଅଧିକ ଚାପ ପଡ଼େ ନାହିଁ। ପାଚନ ପଦ୍ଧତିର କମ୍ ଶକ୍ତି ପ୍ରୟୋଗରେ ଖାଦ୍ୟ ଶୀଘ୍ର ହଜମ ହୋଇଥାଏ। ଏହାଦ୍ୱାରା ଛାତି ଜଳାପଡ଼ା ମଧ୍ୟ ଦୂର ହୋଇଯାଏ।

**ଉତ୍ତମ ଶ୍ୱାସକ୍ରିୟା :** ଶ୍ୱାସକ୍ରିୟା ନଳୀକୁ ସଫା ରଖିବାରେ ଉଷୁମ ପାଣି ସହାୟକ ହୋଇଥାଏ। ଥଣ୍ଡାରୁ କଫ ଜମି ଶ୍ୱାସକ୍ରିୟାରେ ଅସୁବିଧା ହେଲେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ। ଉଷୁମ ପାଣି ବଦଳରେ ମଧ୍ୟ କଢ଼ା କରି ପିଇପାରିବେ। ଥଣ୍ଡା ହୋଇଥିବା ସମୟରେ ଉଷୁମ ପାଣିରେ ଲୁଣ ମିଶାଇ ଗାର୍ଗିଲିଂ କଲେ ମଧ୍ୟ ଗଳା ସଂକ୍ରମଣରୁ ରକ୍ଷା ମିଳିଥାଏ। ସକାଳୁ ଓ ସନ୍ଧ୍ୟାରେ ଗାର୍ଗିଲିଂ କରନ୍ତୁ। ରାତିରେ ମଧ୍ୟ ଶୋଇବା ପୂର୍ବରୁ ଏପରି କରିପାରିବେ। ଏହାଦ୍ୱାରା ଆରମ ଲାଗିବ ଓ ଶୋଇବା ସମୟରେ ଶ୍ୱାସକ୍ରିୟାରେ ଅସୁବିଧା ହେବନାହିଁ।

**ଓଜନ ହ୍ରାସ :** ଯେଉଁମାନେ ଓଜନ ହ୍ରାସ ପାଇଁ ଡ଼ାଏଟିଂ ଅବା ଏକ୍ସରସାଇଜ କରୁଛନ୍ତି, ହେଲେ ସଫଳ ହେଉନାହାଁନ୍ତି, ସେମାନେ ଉଷୁମ ପାଣିକୁ ଡ଼ାଏଟିଂରେ ସାମିଲ କରିପାରିବେ। ଉଷୁମ ପାଣି ପିଇବା ଦ୍ୱାରା ଶରୀରର ତାପମାତ୍ରା ବୃଦ୍ଧି ପାଏ। ଏହା ମେଟାବୋଲିକ୍ ସ୍ତରକୁ ବଢ଼ାଏ। ମେଟାବୋଲିକ୍ ସ୍ତର ବଢ଼ିବା ଦ୍ୱାରା ଶରୀରରୁ ଅଧିକ କ୍ୟାଲୋରୀ ହ୍ରାସ ପାଏ। ସକାଳୁ ଉଷୁମ ପାଣିରେ ଲେମ୍ବୁରସ ମିଶାଇ ପିଇବା ଦ୍ୱାରା ଚର୍ବି ହ୍ରାସ ହୋଇଯାଏ। ଏକ୍ସରସାଇଜ ଓ ଯୋଗ କରିବା ଦ୍ୱାରା ଓଜନ ହ୍ରାସ ହୋଇଥାଏ ସତ ହେଲେ ଏହାସହିତ ଉଷୁମ ପାଣି ପିଇବା ଦ୍ୱାରା ଚର୍ବି ଶୀଘ୍ର ହ୍ରାସ ହୋଇ ଓଜନ କମିଯାଏ।

**କୋଷ୍ଠକାଠିନ୍ୟ ଦୂର:** ସକାଳୁ ଖାଲି ପେଟରେ ପ୍ରତିଦିନ ଗରମ ପାଣି ପିଇଲେ ଅନ୍ତତନ୍ତ୍ର କାର୍ଯ୍ୟକାରୀ ହୋଇଥାଏ, ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଯିବ। ଅଳ୍ପ ପାଣି ପିଇବା ଯୋଗୁଁ କୋଷ୍ଠକାଠିନ୍ୟ ପରି ସମସ୍ୟା ଦେଖାଯାଏ। ଗରମ ପାଣି ପିଇବା ଦ୍ୱାରା ପେଟରେ ଥିବା ମଇଳା ନମନୀୟ ହୋଇ ବାହାରିଯାଏ। ଉଷୁମ ପାଣି ପିଇବା ଦ୍ୱାରା ମଧ୍ୟ ହଜମ କ୍ରିୟା ସୂଚାରୁ ରୂପେ ହୋଇଥାଏ। ଉଷୁମ ପାଣିରେ ଲେମ୍ବୁ ଓ ମହୁ ମିଶାଇ ପିଇଲେ ବହୁତ ଭଲ।

**ନାକ ଖୋଲିଯାଏ:** ଥଣ୍ଡା ହୋଇଥିଲେ ନାକ ବନ୍ଦ ହୋଇଯାଏ। ପ୍ରଶ୍ୱାସ ଠିକ୍ ଭାବରେ ନେଇ ହୁଏ ନାହିଁକି ନିଃଶ୍ୱାସ ଠିକ୍ ଭାବରେ ଛାଡ଼ି ହୁଏନାହିଁ। ଥଣ୍ଡାରୁ ନାକରେ ପାଣି ଜମାଟ ବାନ୍ଧେ। ଏପରି ସ୍ଥଳେ ଉଷୁମ ପାଣି ପିଇବା ଦ୍ୱାରା ଏହି ସମସ୍ୟା ଦୂର ହୋଇଯାଏ। ଉଷୁମ ପାଣି ପିଇବା ଦ୍ୱାରା ନାକରେ ଜମାଟ ବାନ୍ଧିଥିବା ସିଙ୍ଗାଣି ଖୋଲିଯାଏ। ମଇଳା ମଧ୍ୟ ବାହାରି ଯାଏ। ଏହାଦ୍ୱାରା ନିଶ୍ୱାସ ପ୍ରଶ୍ୱାସ ଠିକ୍ ଭାବରେ ଚାଲିଥାଏ।

**ବିଷାକ୍ତ ଦ୍ରବ୍ୟ ଦୂର :** ଉଷୁମ ପାଣି ପିଇବା ଦ୍ୱାରା ଶରୀରରେ ଥିବା ବିଷାକ୍ତ ଦ୍ରବ୍ୟ ପରିସ୍ରା ଦେଇ ବାହାରିଯାଏ। ଉଷୁମ ପାଣି ପିଇଲେ ଶରୀରର ତାପମାତ୍ରା ବୃଦ୍ଧି ପାଏ। ଏହାଦ୍ୱାରା ଶରୀରରୁ ଝାଳ ବାହାରେ। ବିଷାକ୍ତ ଦ୍ରବ୍ୟ ଶରୀରରୁ ଝାଳ ଆକାରରେ ମଧ୍ୟ ବାହାରିଯାଏ। ପ୍ରତିଦିନ ଉଷୁମ ପାଣି ପିଇବା ଦ୍ୱାରା ଶୁଷ୍କ ତ୍ୱଚା କୋମଳ ହୋଇଥାଏ। ଉଷୁମ ପାଣିରେ ରକ୍ତ ସଞ୍ଚାଳନ ବୃଦ୍ଧି ହେତୁ ତ୍ୱଚାରେ ଚମକ୍ ଆସେ। ବିଶେଷ କରି ତ୍ୱଚାରୁ ମୃତ କୋଷକୁ ଦୂର କରି ନୂତନ କୋଷ ତିଆରି କରେ। ଯାହା ତ୍ୱଚାରେ ବୟସର ଛାପକୁ ପକାଇ ଦିଏନାହିଁ।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା, ଶିଖରପୁର ଉପରସାହି, କଟକ,ଦୂରଭାଷ : ୯୪୩୮୫୮୩୨୮୯, E-mail : dillip777kumar@gmail.com**

## ଗଜରାଜଙ୍କ ସୁରକ୍ଷା ପାଇଁ ଅଭିନବ ପ୍ରୟାସ




ଭୁବନେଶ୍ୱର (ପିଏନ୍): ଏକଦା ଆମ ରାଜ୍ୟରେ ଲକ୍ଷାଧିକ ହାତୀ ଥିଲେ। ଓଡ଼ିଶାର ରାଜାଙ୍କୁ ଗଜପତି ଆଖ୍ୟା ମିଳୁଥିଲା। ରାଜାମାନେ ବିଶାଳ ଗଜବାହିନୀ ରଖି ଶତ୍ରୁ ଦମନ କରୁଥିଲେ। ଏବେ ସେ ସବୁ ଆମ ପାଇଁ କାହାଣୀ। କହିବାକୁ ଗଲେ ଗଜରାଜ୍ୟ ଆଜି ଗଜଶୂନ୍ୟ। ଭାରତୀୟ ସଂସ୍କୃତି ଓ ଧର୍ମରେ ଗଜଙ୍କ ସ୍ୱତନ୍ତ୍ର ସ୍ଥାନ ଓ ତାତ୍ପର୍ଯ୍ୟ ବି ରହିଛି। ଯାହା ଆମର ବିଭିନ୍ନ ଐତିହ୍ୟ, କୀର୍ତ୍ତିରାଜି, ମଠ, ମନ୍ଦିର, ଗୁମ୍ଫା ଇତ୍ୟାଦିରୁ ବାରିହୁଏ। ଆମ ରାଜ୍ୟର ଏକ ଜିଲ୍ଲାର ନାମ ବି ଗଜପତି ବି ରହିଛି। ପୁରାଣ କହେ ଗଜରାଜର ରକ୍ଷା ପାଇଁ ସ୍ୱୟଂ ଭଗବାନ ଓହ୍ଲାଇ ଆସିଥିଲେ। ନିଜେ ଚକ୍ରପେଶି ନକ୍ର (କୁମ୍ଭୀର)କୁ ନାଶ କରି ଉଦ୍ଧାର କରିଥିଲେ ଗଜରାଜଙ୍କୁ। କିନ୍ତୁ ଏବେ ଗଜରାଜଙ୍କ ସାହା କେହି ନାହାଁନ୍ତି। ରାଜ୍ୟରେ ହାତୀ ମୃତ୍ୟୁହାର ଚିନ୍ତାଜନକ ସ୍ଥିତି ସୃଷ୍ଟି କରିଛି। ଚଳିତ ବିଧାନସଭା ଅଧିବେଶନରେ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀଙ୍କ ସୂଚନା ଅନୁସାରେ ୧୧ ବର୍ଷରେ ୮୪୩ଟି ହାତୀଙ୍କ ମୃତ୍ୟୁ ହୋଇଛି। ଜଙ୍ଗଲ ଭିତରେ ଖାଦ୍ୟାଭାବ ଓ ବାସହରା ହୋଇ ଗଜରାଜ ଏବେ ବି ଅସହାୟ ଅବସ୍ଥାରେ ଘୁରି ବୁଲୁଛି। ଭୟରେ ଜଙ୍ଗଲ ଛାଡ଼ି ସେ ଜଙ୍ଗଲରେ ତ ଆଉ କେବେ ଜନବସତିରେ ତାଣ୍ଡବ କରୁଛି। ନିଜର ଘର ଖୋଜିବାକୁ ଯାଇ କେଉଁଠି ବିଦ୍ୟୁତ୍ ମାଡ଼ରେ ମଲେଣି ତ ଆଉ କେଉଁଠି ଟ୍ରେନ୍‌ରେ କଟିଲେଣି ତ କେବେ ଶିକାରୀଙ୍କ ଗୁଳିରେ ପ୍ରାଣ ଗଲାଣି। ଦିନକୁ ଦିନ ହାତୀଙ୍କ ମୃତ୍ୟୁ ସଂଖ୍ୟା ବଢ଼ିଚାଲିଛି। ସେମାନଙ୍କ ଦୂରାବସ୍ଥା କେବେ ଦୂର ହେବ ଓ କିପରି ସେମାନଙ୍କର ବଂଶ ସୁରକ୍ଷା କରାଯାଇ ବଂଶ ବୃଦ୍ଧି କରିହେବ ସେ ନେଇ ପରିବେଶବିତ୍ ଓ ପଶୁପ୍ରେମୀମାନେ ଚିନ୍ତାପ୍ରକଟ କରିଛନ୍ତି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ସ୍ମାର୍ଟନଗରୀ ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଜନସଚେତନତା ଉଦ୍ଦେଶ୍ୟରେ ଗଜରାଜଙ୍କ ଫଟୋକୁ ଅତି ସୁନ୍ଦର ରୂପେ ସ୍ଥାନିତ କରି ଗଜଙ୍କ ସୁରକ୍ଷା ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଏକ ବଳିଷ୍ଠ ବାର୍ତ୍ତା ଦେଇଛନ୍ତି। ସେ ଏହି ମର୍ମରେ କହିଛନ୍ତି ଏଥିପାଇଁ ସମସ୍ତଙ୍କ ସହଯୋଗ ଏକାନ୍ତ ଲୋଡ଼ା। ନଚେତ୍ ଦିନ ଆସିବ ଆମ ପରବର୍ତ୍ତୀ ପିଢ଼ୀ ଗଜରାଜଙ୍କୁ ମ୍ୟୁଜିୟମରେ ହିଁ ଦେଖିବାକୁ ପାଇବେ। ଏତଦ୍‌ସହ ଶିକାରୀମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ଦଣ୍ଡର ବ୍ୟବସ୍ଥା ହେଉ ବୋଲି ଶ୍ରୀ ସାହୁ ଆଶା ପ୍ରକଟ କରିଛନ୍ତି।

## ନାବାଳକକୁ ଜାଳିଦେଲା ବାପ

କେନ୍ଦ୍ରାପଡା (ପିଏନ୍): ବାପ ଜାଳିଦେବାକୁ ଚେଷ୍ଟା କରୁଥିଲା ନିଜ ପୁଅକୁ। ଏଭଳି ଏକ ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ପୋଡିହୋଇ ଯନ୍ତ୍ରଣାରେ ଜର୍ଜ୍ଜରିତ ହେଉଥିବା ନାବାଳକ ପୁଅକୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ। ଏକ ୧୭ବର୍ଷର ନାବାଳକ ପୁଅକୁ ବାପ କିରୋସିନ ଢାଳି ନିଆଁ ଲଗାଇଦେଇ ପୋଡିମାରିଦେବାକୁ ଉଦ୍ୟମ କରିଥିଲା। କିନ୍ତୁ ସୌଭାଗ୍ୟବଶତଃ ପୁଅଟି ସେଠାରୁ ଖସି ପଳାଇଆସିଥିବାରୁ ବଞ୍ଚିଯାଇଥିଲା। ପୁଅଟି ସାଲେପୁରରୁ ପାଦରେ ଚାଲି ଚାଲି କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ମାହାଳ ଚଁପୁର ଗ୍ରାମ ବଜାର ନିକଟରେ ଥିବା ମାଉସୀ ଘରକୁ ପଳାଇ ଆସିଥିଲା। ସେଠାରେ ଲୋକମାନେ ତାକୁ ଏଭଳି ଅବସ୍ଥାରେ ଦେଖି ହତବାକ ହୋଇଯାଇଥିଲେ। ପରେ ଏସମ୍ପର୍କରେ ଖବର ପାଇ ଶିଶୁ ମଙ୍ଗଳ ସମିତିର ପୂର୍ବତନ ଭାରପ୍ରାପ୍ତ ଅଧକ୍ଷା ତଥା ବର୍ତ୍ତମାନର ସଦସ୍ୟା ସ୍ମିତାଞ୍ଜଳି ମହାପାତ୍ର ଓ କେନ୍ଦ୍ରାପଡା ଚାଇଲଡ ଲାଇନର ରାକେଶ ବାରିକ ଘଟଣାସ୍ଥଳରେ ପହଁଚି ନାବାଳକଟିକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ନାବାଳକଟି ଏବେ ଡାକ୍ତରଖାନାରେ ଚିକିତ୍ସାଧିନ ରହିଛି।

# କେନ୍ଦ୍ରାପଡା ଜିଲ୍ଲାର ୬୬ ମଦ ଦୋକାନ ପାଇଁ ଲଟେରୀ ଉଠାଣ

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାରେ ପ୍ରଥମେ ୨୦୦୫ ମସିହାରେ ଦେଶୀ ଓ ବିଦେଶୀ ମଦ ଦୋକାନ ପାଇଁ ଲଟେରୀ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। କିନ୍ତୁ ସେହି ଲଟେରୀ ବ୍ୟବସ୍ଥା ଏତେ ତୃଟିପୂର୍ଣ୍ଣ ଥିଲା ଯେ ଜଣେ ଜଣେ ମଦ ବ୍ୟବସାୟୀ ନିଜ ପରିବାରଙ୍କ ନାମରେ ୮ଟିରୁ ଅଧିକ ମଦ ଦୋକାନ ଲଟେରୀ ମାଧ୍ୟମରେ ହାସଲ କରିନେଇଥିଲେ। ସେବେଠାରୁ ପ୍ରତିବର୍ଷ ଅଧିକ ୧୦ଭାଗ ଅବକାରୀ ରାଜସ୍ୱ ଦେଇ ମଦ ବ୍ୟବସାୟୀମାନେ କୋଟି କୋଟି ଟଙ୍କା ଉପାର୍ଜନ କରିଆସୁଥିଲେ। ଚଳିତ ବର୍ଷ ଅପ୍ରେଲ ମାସରୁ ଜିଲ୍ଲାରେ ୪୭ଟି ବିଦେଶୀ ମଦ ଦୋକାନ ଏବଂ ୧୯ଟି ଦେଶୀ ମଦ ଦୋକାନ ଏଭଳି ୬୬ଟି ମଦ ଦୋକାନକୁ ଲାଇସେନ୍ସ ପ୍ରଦାନ ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଶନିବାର ଲଟେରୀ ଅନୁଷ୍ଠିତ ହୋଇଯାଇଛି। ବିଦେଶୀ ମଦ ଦୋକାନ ପାଇଁ ୭୪୫ଜଣ ଆବେଦନକାରୀ ମଦ ବ୍ୟବସାୟୀ ଥିବା ବେଳେ ଦେଶୀମଦ ଦୋକାନ ପାଇଁ ୮୮ଜଣ ମଦ ବ୍ୟବସାୟୀ ଆବେଦନ କରିଥିଲେ। ଏଥିନିମନ୍ତେ ପ୍ରତ୍ୟେକ ଆବେଦନ ଫର୍ମ ସହିତ ଏକ ଲକ୍ଷ ଟଙ୍କା ଫିସ ମଧ୍ୟ ଦାଖଲ କରିଥିଲେ ଆବେଦନକାରୀ ମଦ ବ୍ୟବସାୟୀ। କେନ୍ଦ୍ରାପଡା ପୌର ଟାଉନହଲ ପରିସରରେ ସଂପୂର୍ଣ୍ଣ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ଶନିବାର ଜିଲ୍ଲାର ୬୬ଟି ମଦ ଦୋକାନ ପାଇଁ ଲାଇସେନ୍ସ ପ୍ରଦାନ ନିମନ୍ତେ ଲଟେରୀ ଉଠାଣ ହୋଇଥିଲା। ଆବେଦନକାରୀମାନଙ୍କୁ ପ୍ରଦାନ କରାଯାଇଥିବା ଟୋକନକୁ ଲଟେରୀ ବାକ୍ସରେ ପକାଯାଇ ପ୍ରତ୍ୟେକ ଦୋକାନ ପାଇଁ ପୃଥକ ପୃଥକ ଲଟେରୀ ଉଠାଣ କରାଯାଇଥିଲା। ଜଣେ ଜଣେ ମଦ ବ୍ୟବସାୟୀଙ୍କର ଏକାଧିକ ଦୋକାନ ପାଇଁ ଲଟେରୀ ଉଠିଥିବା ସୂଚନା ମିଳିଛି। ଦୀର୍ଘବର୍ଷ ଧରି ମଦ ବ୍ୟବସାୟ କରି ଆସୁଥିବା ଜିଲ୍ଲାର କେତେକ ପ୍ରଭାବଶାଳୀ ମଦ ବ୍ୟବସାୟୀ ନିଜ ସମ୍ପର୍କୀୟଙ୍କ ସହ ଚିହ୍ନାପରିଚିତଙ୍କ ନାମରେ ଆବେଦନ କରିଥିବା ଦେଖାଯାଇଛି। କେତେକ ନିର୍ଦ୍ଦିଷ୍ଟ ସ୍ଥାନର ମଦ ଦୋକାନ ପାଇବା ନିମନ୍ତେ ଜଣପିଚ୍ଛା ସଂଖ୍ୟାଧିକ ଆବେଦନପତ୍ର ପକାଯାଇଥିବା ସୂଚନା ମିଳିଛି। ଚଳିତ ଥର ୫ବର୍ଷ ନିମନ୍ତେ ଏହି ମଦ ଦୋକାନ ଲାଇସେନ୍ସ ପ୍ରଦାନ କରାଯାଉଥିବା ଜଣାପଡିଛି। ଚଳିତବର୍ଷ ବିଦେଶୀ ମଦ ଦୋକନ ପାଇଁ ୧୪ ଜଣ ଓ ଦେଶୀ ମଦ ଦୋକାନ ପାଇଁ ୪ଜଣ ମହିଳା ଏପରି ମୋଟ ୧୮ଜଣ ମହିଳାଙ୍କ ନାମରେ ଲଟେରୀ ଉଠିଥିବା ଓ ସେମାନେ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପାଇବାକୁ ସମର୍ଥ ହୋଇଥିବା ଜଣାପଡିଛି। ଜିଲ୍ଲାର ୪୭ଟି ବିଦେଶୀ ମଦ ଦୋକାନ ମଧ୍ୟରୁ ବାବର ମଦ ଦୋକାନ ପାଇଁ ସନ୍ଧ୍ୟାରାଣୀ ସାମଲ, ନୂଆପଡା- ନିର୍ମଳ ନାୟକ, ଗରଦପୁର- ତଡିତ ରାଉତ, କୋରୁଆ- ସସ୍ମିତା ସାହୁ, ମାହାଳ ହାଟ- ପ୍ରକାଶ ମହାପାତ୍ର, ଓସ୍ତର ହାଟ- ସୁବାଷ ଚନ୍ଦ୍ର ଚୌଧୁରୀ, ବଡପାଳଗଡା- ଅଧିକାରୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ, ଚାଟରାଚକଡା- ଅରୁଣ ସାହୁ, ବାରୁଅ- ଆଲୋକ ପଣ୍ଡା, ଶ୍ୟାମସୁନ୍ଦରପୁର- ବିକାଶ ନାୟକ, ଛପାଲି- ପ୍ରଭାବତୀ ବଳ ଦାସ, ନାରାୟଣପୁର- ପ୍ରଭାବତୀ ବଳ ଦାସ, ପାଟକୁରା- ପ୍ରଦୀପ୍ତ ମହାପାତ୍ର, ମାର୍ଶାଘାଇ- ମୁକ୍ତିମନ୍ଦାକିନୀ ବରାଳ, ଦୁହୁରିଆ- ପୁରୁଷୋତ୍ତମ ସାହୁ, ଅଙ୍ଗୁଳାଇ- ଲକ୍ଷ୍ମୀପ୍ରିୟା କର, ହଜାରୀ-ଅମୀୟ ପ୍ରଧାନ, ନୂଆହାଟ- ରଞ୍ଜନ ସାହୁ, ଚାନ୍ଦୋଳ- ଅଧିକାରୀ ପ୍ରହଲ୍ଲାଦ ଦାସ, ଇନ୍ଦୁପୁର- ଶୁକଦେବ ପରିଡା, ରାମନଗର- ପ୍ରମୋଦ ରାଉତ, ଖରିନାସୀ- ଦେବେନ୍ଦ୍ର ରାଉତ, ଓଳାଭର- ଉଷାରାଣୀ ନାୟକ, ରାଜକନିକା- ଅଶୋକ ସ୍ୱାଇଁ, ନାହୁଲିଆ- ବିଜୟ ମହାନ୍ତି, ଗୋବିନ୍ଦପୁର- ରାଜୀବରଞ୍ଜନ ବୋଷ, ଆଳି- ସର୍ବେଶ୍ୱର ସାହୁ, ସିଙ୍ଗିରି- ସୁବାସିନୀ ଜେନା, ଅଣରା- ସରସ୍ୱତୀ ବେହେରା, ଅଳପୁଆ- ଦିବାକର ସ୍ୱାଇଁ, ଚଉଦକୁଲାଟ- ଦୀପ୍ତିବଳ ବିଶ୍ୱାଳ, କଂଟାବଣ- ପ୍ରିୟମ୍ବଦା ନାୟକ, ପଟ୍ଟାମୁଣ୍ଡାଇ- ମାନସରଞ୍ଜନ ସାମଲ, ସାନବଡଗୋପାଳପୁର- ନନ୍ଦକିଶୋର ଦାସ, ଜରିମୂଳ- ଆଲୋକ ପଣ୍ଡା, ଡାଙ୍ଗମାଳ- ଦେବେନ୍ଦ୍ର ରାଉତ, ତାଳଚୁଆ- ସରୋଜ ନାୟକ, ଗୁପ୍ତି- ଦୀପକ ଦାସ, ବାଟିପଡା- ବିଜୟ ମହାନ୍ତି, ଅଡାଜୋରି- ଅଧିକାରୀ ପ୍ରହଲ୍ଲାଦ ଚନ୍ଦ୍ର ଦାସ, ଗୋପଛକ- ମମତା ସାହୁ, କେନ୍ଦ୍ରାପଡା(୧)(ଗୋପ)- ଶ୍ରୀକାନ୍ତ ରାୟ, ମହାକାଳପଡା- ପ୍ରଫୁଲ୍ଲ ସାହୁ, କେନ୍ଦ୍ରାପଡା(୩)(ତିନିମୁହାଣୀ)- ରଶ୍ମୀରେଖା ପାତ୍ର, ବାଲିଆ ବଜାର- ଲକ୍ଷ୍ମୀପ୍ରିୟା ସାହୁ, ନିକିରାଇ- ଆଲୋକ ଜେନା, କେନ୍ଦ୍ରାପଡା(୨)(ମଢିଆଳ)- ନିମନ୍ତେ ଶ୍ରୀକାନ୍ତ ରାୟ ପ୍ରମୁଖଙ୍କ ନାମରେ ମଦ ଦୋକାନ ଲାଇସେନ୍ସ ପାଇଁ ଲଟେରୀ ଉଠିଛି। ସେହିପରି ୧୯ଟି ଦେଶୀମଦ ଦୋକାନ ପାଇଁ ଖରିନାସୀ- ସ୍ୱର୍ଣ୍ଣଲତା ସାହୁ, ଚାନ୍ଦୋଳ- ଶରତ ସାହୁ, ଓଲଢି- ମମିତା ଦାସ, ଇନ୍ଦୁପୁର- ରତ୍ନାକର ସାହୁ, ମାର୍ଶାଘାଇ(କୁଣ)- ଚିତ୍ତରଞ୍ଜନ ମିଶ୍ର, ନୂଆପଡା- ସୁଶାନ୍ତ ମଲ୍ଲିକ, ଗରଦପୁର- ଶ୍ୟାମସୁନ୍ଦର ସାହୁ, ଗୁଲନଗର- ସୀତାକାନ୍ତ ନାୟକ, ତିନିମୁହାଣୀ- ରଶ୍ମୀରେଖା ପାତ୍ର, ବରେଇ(ଅଙ୍ଗୁଳେଇ)- ବିଦ୍ୟୁଲତା ସାହୁ, ବଡପାଳଗଡା- ରଜତ ସାହାଣୀ, ପଟ୍ଟାମୁଣ୍ଡାଇ- ଚିତ୍ତରଞ୍ଜନ ମିଶ୍ର, ରାଜନଗର- ସୁରେଶ ଚନ୍ଦ୍ର ସାହୁ, ତାଳଚୁଆ- ହେମନ୍ତ ମହାନ୍ତି, ଆଳି- କାଶୀନାଥ ବେହେରା, ଓଳାଭର- ସଂଗ୍ରାମ କେଶରୀ ପାତ୍ର, ଅଳଭା- ହେମନ୍ତ ମହାନ୍ତି, ଚରପଡା- ହେମନ୍ତ ମହାନ୍ତି, କଂଟାପଡା- ହେମନ୍ତ ମହାନ୍ତି ପ୍ରମୁଖ ମଦ ବ୍ୟବସାୟୀ ଲଟେରୀ ଜିତିଥିବା ସୂଚନା ମିଳିଛି। ଏହି ଲଟେରୀ ଉଠାଣ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ ନରହରି ସେଠୀ, ଅବକାରୀ ଅଧିକ୍ଷକ ରଜତ ପ୍ରହରାଜ, ଟାଉନ ଥାନା ଇନିସପେକ୍ଟର ଜ୍ୟୋତିରଞ୍ଜନ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ଫୋର୍ସ ମୃତୟନ ହୋଇଥିଲେ।

## ଆଡଭୋକେଟ୍ ପଏଣ୍ଟ ଉଦ୍‌ଘାଟିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଅଦାଲତ ପରିସରରେ ସୋମବାର ଆଡଭୋକେଟ୍ ପଏଣ୍ଟ (ଭିଡିଓ କନଫରେନ୍ସିଂ କେବିନ୍) ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଦୌରାଜଜ ଗୋପାଳ ଚନ୍ଦ୍ର ବେହେରା ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ରାଜ୍ୟ ସ୍ତରରେ ସମସ୍ତ ଜିଲ୍ଲା ଅଦାଲତ ଗୁଡ଼ିକ ପରିସରରେ ଏହି କେବିନ୍‌କୁ ଓଡିଶା ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଡ଼ଃ. ଜଷ୍ଟିସ୍ ଏସ ମୁରଲୀଧର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଉଦ୍‌ଘାଟନ କରିବା ପରେ କେନ୍ଦ୍ରାପଡାରେ ଏହା ଉଦ୍‌ଘାଟିତ ହୋଇଥିଲା। ହାଇକୋର୍ଟ ସମେତ ଅନ୍ୟ ଅଦାଲତରେ କାର୍ଯ୍ୟ କରୁଥିବା ଆଇନଜୀବିମାନେ କେନ୍ଦ୍ରାପଡାକୁ ନଆସି ଭିଡିଓ କନଫରେନ୍ସିଂ ମାଧ୍ୟମରେ କେନ୍ଦ୍ରାପଡା କୋର୍ଟରେ ଥିବା ମାମଲାକୁ ପରିଚାଳନା କରିପାରିବେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଦୌରାଜଜ ମୋହନରାଓ ଦୋରା, ଏସ୍‌ଡିଜେଏମ୍ ପ୍ରଜ୍ଞାପୂଜା ପ୍ରଧା, ସିଜେଏମ୍ ଜ୍ଞାନ ରଞ୍ଜନ ପଟ୍ଟନାୟକ, ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ମଳୟ କୁମାର ପ୍ରଧାନ, ଜିଲ୍ଲା ଓକିଲ ସଂଘର ସଭାପତି ଆଶୁତୋଷ ମହାନ୍ତି, ସଂପାଦକ ସେକ ଅଜିମୁଦ୍ଦିନଙ୍କ ସମେତ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଯାତ୍ରୀ ନିବାସ ନିର୍ମାଣ ଦାବିରେ ଆମରଣ ଅନଶନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ଗ୍ରାମର ଶ୍ରୀ ଶ୍ରୀ ବ୍ରଜ ଗଦାଧର ଗୋସ୍ୱାମୀ ପୀଠରେ ଯାତ୍ରୀ ନିବାସ ଓ ଶୌଚାଳୟ ନିର୍ମାଣ ଦାବିରେ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ଗ୍ରାମବାସୀମାନେ ଜିଲ୍ଲା ପର୍ଯ୍ୟଟନ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିବା ଦେଖିବାକୁ ମିଳିଛି। ୨୦୧୩ ମସିହାରେ ଏହି ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦିଆଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଯାତ୍ରୀ ଓ ଭକ୍ତ ମାନଙ୍କ ପାଇଁ ସର୍ବନିମ୍ନ ମୌଳିକ ସୁବିଧା କରାଯାଇ ନାହିଁ। ରାତ୍ରୀ ରହଣୀ ପାଇଁ କୌଣସି ବ୍ୟବସ୍ଥା ନଥିବା ବେଳେ ଶୌଚ ହେବାପାଇଁ ମଧ୍ୟ କୌଣସି ସୁବିଧା କରାଯାଇ ନାହିଁ। ଏଥିସହିତ ଅନ୍ୟାନ୍ୟ ଅଭାବ ଅସୁବିଧାକୁ ବିଭାଗ ପକ୍ଷରୁ କର୍ଣ୍ଣଗୋଚର କରାଯାଉ ନଥିବାରୁ ତାହାର ପ୍ରତିବାଦରେ ସନାତନ ଦାସ, ମନସ୍ୱିନୀ ଜେନା, ଦେବପ୍ରସାଦ ସ୍ୱାଇଁ, ଗୋଲଖ ବିହାରୀ ସାହୁ, ଉମାକାନ୍ତ ପଣ୍ଡା, ବସନ୍ତ ସିଂହ, ଯୁଧିଷ୍ଠିର ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ ପ୍ରମୁଖ ଅନଶନରେ ବସିବାକୁ ବାଧ ହୋଇଛନ୍ତି।

## କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘର ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଓକିଲ ସଙ୍ଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଜିଲ୍ଲା ବିଜେଡି ସଭାପତି ଉତ୍କଳକେଶରୀ ପରିଡାଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ବିଧାୟକ ଶଶିଭୂଷଣ ବେହେରା, ପ୍ରତାପକେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ଧ୍ରୁବଚରଣ ସାହୁ, ସାବିତ୍ରୀ ଅଗ୍ରୱାଲା ଓ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି। ଜିଲ୍ଲା ଓକିଲ ସଙ୍ଘର ସଭାପତି ଆଶୁତୋଷ ମହାନ୍ତି, ଉପସଭାପତି ଜୀତେନ୍ଦ୍ର କୁମାର ମହାନ୍ତି, ସମ୍ପାଦକ ସେକ ଅଜିମୁଦ୍ଦିନ, ସହସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ନିରାକାର ପ୍ରଧାନ, ଯୁଗ୍ମସମ୍ପାଦକ ତଥା ଲାଇବ୍ରେରୀଆନ ସୁଧାଂଶୁ ଭୂଷଣ ମହାପାତ୍ର, କାର୍ଯ୍ୟକାରୀ କମିଟି ସଭ୍ୟ ସୁବାଷ ରାଉତ ଓ ସୌଦାମିନି ଜେନା ପ୍ରମୁଖଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ନବ ନିର୍ବାଚିତ କର୍ମକର୍ତ୍ତାମାନେ ଏହି ଅବସରରେ ସଙ୍ଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ କେତେକ ଦାବି ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବି ଭୀମସେନ ଭୂୟାଁ, ଗଗନବିହାରୀ ଜେନା, ସରକାରୀ ଓକିଲ ସଞ୍ଜୟ କୁମାର ଜେନା, ରଞ୍ଜନ କୁମାର ପଣ୍ଡା, ନିହାର ମହାପାତ୍ର, ସ୍ମୃତି ରଂଜନ ସିଂ, ମାନସରଞ୍ଜାନ ଧଳ, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ଦେବଦାସ ମହାନ୍ତି, ନିରଞ୍ଜନ ବଳ, ବ୍ରଜସୁନ୍ଦର ରାଉତ, ସୁରେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କୃଷକ ସଂଘଗୁଡ଼ିକର ଏଫ୍‌ସିଆଇ ବଂଚାଅ ଆନ୍ଦୋଳନ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ର ସରକାର ତିନୋଟି କୃଷି କୃଷକ ତଥା ଜନସ୍ୱାର୍ଥ ବିରୋଧି ଏବଂ କର୍ପୋରେଟ୍ ସପକ୍ଷବାଦୀ କୃଷି ସଂପର୍କିତ ଆଇନ୍ ଆଣି ଦେଶର କୃଷି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଉଥିବା ଅଭିଯୋଗରେ ସର୍ବଭାରତୀୟ ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନକ୍ରମେ ଦେଶବ୍ୟାପୀ ପାଳନ ହେଉଥିବା ଏଫ୍.ସି.ଆଇ ବଂଚାଅ ଆନ୍ଦୋଳନ ପରିପେକ୍ଷୀରେ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ଆନ୍ଦୋଳନ ସଂଗଠିତ ହେବା ସହିତ ମାନ୍ୟବର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ନେତା ଜଗତ୍‌ଜୀବନ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ଓଡିଶା କୃଷକ ସଭାର ଜିଲ୍ଲା ସଂପାଦକ ଗୟାଧର ଧଳ, ଅଖିଳ ଭାରତ କୃଷକ ସଭାର ଜିଲ୍ଲା ନେତା ରମଣୀରଂଜନ ରାଉତରାୟ, କୃଷକ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ, ଆଦିକନ୍ଦ ରାଉଳ, ଦୋଳଗୋବିନ୍ଦ ସାହୁ, ମାଧବ ଦାସ, ଉମେଶ ସିଂ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ବିଜୟ ଦାସ, ସୁକାନ୍ତ ରାଉତ, ବାବାଜୀ ଧଳ, ହୃଷିକେଶ ମହାପାତ୍ର, ମଂଜୁଲତା ଦାସ, ରତ୍ନଞ୍ଜୟ ମଲ୍ଲିକ, ବଚ୍ଛରାମ ସେଠୀ ପ୍ରମୁଖ ସରକାରଙ୍କ କୃଷି ଆଇନ୍ ବିରୋଧରେ ବକ୍ତବ୍ୟ ପ୍ରଦାନ କରିବା ସହ ୧୯୬୫ ମସିହାରୁ ଦେଶରେ ପ୍ରଚଳିତ ଏଫ୍.ସି.ଆଇ ବ୍ୟବସ୍ଥା ଏହି ଆଇନ୍ ବଳରେ କିପରି ଦୁର୍ବଳ ହୋଇପଡିବା ସହ କୃଷକମାନେ ସବୁଦିନ ପାଇଁ ସେମାନଙ୍କ ଫସଲର ଲାଭଜନକ ଦର ପାଇବାରୁ ବଂଚିତ ହେବେ ଏବଂ ସାଧାରଣ ବଂଟନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିବ ସେ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ୭ ଦଫା ଦାବି ସମ୍ବଳିତ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ବସନ୍ତ କୁମାର ରାଉତ ସଭାସ୍ଥଳରୁ ଗ୍ରହଣ କରିଥିଲେ। ଏହି ଦାବିଗୁଡିକ ହେଉଛି ୧- କୃଷି ଧ୍ୱଂସକାରୀ ପିଡିଟି କୃଷି ସଂଶୋଧନ ଆଇନ୍ ପ୍ରତ୍ୟାହାର କରାଯାଉ। ୨- କୃଷି ଉତ୍ପାଦିତ ଦ୍ରବ୍ୟ ଗୁଡ଼ିକର ଏମ୍.ଏସ୍.ପି ନିମନ୍ତେ ଆଇନ୍ ପ୍ରଣୟନ କରାଯାଉ। ୩- ସରକାରୀ ମଣ୍ଡି ବ୍ୟବସ୍ଥାର ସମ୍ପ୍ରସାରଣ କରାଯାଉ। ୪-କୃଷକ ମାନଙ୍କୁ ଅଭାବୀ ବିକ୍ରିରୁ ସୁରକ୍ଷା ଦେବା ନିମନ୍ତେ ବ୍ୟବସ୍ଥା କରାଯାଉ। ୫- ଆନ୍ଦୋଳନରତ କୃଷକମାନଙ୍କ ଉପରୁ ସମସ୍ତ ଆକ୍ରୋଷମୂଳକ ମୋକଦ୍ଦମା ପ୍ରତ୍ୟାହାର କରାଯାଉ। ୬-କୃଷକ ଆନ୍ଦୋଳନରେ ସହୀଦ୍ ହୋଇଥିବା କୃଷକମାନଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଉ। ୭- ଭାଗଚାଷୀମାନଙ୍କୁ ଚାଷୀର ମାନ୍ୟତା ଦେଇ ସେମାନଙ୍କଠାରୁ ସିଧାସଳଖ ମଣ୍ଡି ମାଧ୍ୟମରେ ଧାନ କିଣିବାର ବ୍ୟବସ୍ଥା କରିବା।

## ରାଷ୍ଟ୍ର ନିର୍ମାଣ ଅଭିଯାନ ପକ୍ଷରୁ ସହିଦ୍ ଯବାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାର "ରାଷ୍ଟ୍ର ନିର୍ମାଣ ଅଭିଯାନ" ପକ୍ଷରୁ ଛତିଶଗଡର ବିଜାରପୁରଠାରେ ନକ୍ସଲମାନଙ୍କ ସହ ଲଢେଇ କରି ସହିଦ୍ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି। ସମାଜସେବୀ ମାତୃଦତ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ଅନୁଷ୍ଠାନର ସଦସ୍ୟମାନେ ୨୨ଜଣ ଅମର ଯବାନଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ। ଛତିଶଗଡରେ ଶହୀଦ ମାନଙ୍କ ବଳିଦାନ ଏ ଦେଶ କାଳକାଳକୁ ମନେରଖିବ ବୋଲି ଅନୁଷ୍ଠାନର ସମ୍ପାଦକ ପଙ୍କଜ ସିହ୍ନା ନିଜ ବକ୍ତବ୍ୟରେ କହିଥିଲେ। ବିରେନ୍ଦ୍ର ଦାସ, ବିକାଶ ସ୍ୱାଇଁ ଓ ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ବ୍ଲକ ସ୍ତରରୁ ଆନ୍ଦୋଳନ ପାଇଁ ବ୍ୟାପକ ପ୍ରସ୍ତୁତି



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡାରେ ମେଡିକାଲ କଲେଜ ଓ ହସପିଟାଲ ପ୍ରତିଷ୍ଠା ପାଇଁ ଦୀର୍ଘଦିନରୁ ଦାବି ହୋଇଆସୁଥିବା ବେଳେ ରାଜ୍ୟ ସରକାର ଓ ଜିଲ୍ଲାର ନିର୍ବାଚିତ ଜନପ୍ରତିନିଧିମାନେ ଏ ସମ୍ପର୍କରେ ପାଟି ଖୋଲୁନଥିବା ଦେଖିବାକୁ ମିଳିଛି। ତେଣୁ ଏଥିନିମନ୍ତେ ବ୍ଲକ ସ୍ତରରୁ ଆନ୍ଦୋଳନ ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡିଛି। ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ସ୍ଥାନୀୟ ପବ୍ଲିକ ରିଡିଂରୁମ ପରିସରରେ ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସେହି ବୈଠକରେ ସର୍ବସମ୍ମତି କ୍ରମେ ସମସ୍ତ ବ୍ଲକରେ ଆନ୍ଦୋଳନ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଏହାପରେ ଯଦି କେନ୍ଦ୍ର ଓ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ ନକରନ୍ତି ତାହେଲେ ଜିଲ୍ଲାରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଆବାହକ ଆଇନଜୀବି ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ସରୋଜରାଜ ସିଂ, ଗୟାଧର ଧଳ, ପ୍ରଫୁଲ୍ଲ ଦାସ, ଆଶିଷ ସେନାପତି, ରାମକୃଷ୍ଣ ଦାସ, ଗୌରାଙ୍ଗ ବେହେରା ପ୍ରମୁଖ ଯୋଗଦେଇ ଆନ୍ଦୋଳନର ରୂପରେଖ ସଂପର୍କରେ ଆଲୋଚନା କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଗାନ୍ଧି ବିଚାର ମଞ୍ଚର ରାଜ୍ୟସ୍ତରୀୟ ନେତୃତ୍ୱଙ୍କ ଆଳି : ରାଜକନିକା ଅଞ୍ଚଳ ଗସ୍ତ ଓ ଜିଲ୍ଲାପାଳଙ୍କ ସହ ଆଲୋଚନା



କେନ୍ଦ୍ରାପଡ଼ା : ଗାନ୍ଧି ବିଚାର ମଞ୍ଚର ରାଜ୍ୟ ସ୍ତରୀୟ ନେତୃତ୍ୱ ଉତ୍କଳ ଗାନ୍ଧି ସ୍ମାରକ ନିଧି ର ସଭାପତି କୃଷ୍ଣା ମହାନ୍ତି, ଲୋହିଆ ଏକାଡେମୀର ସମ୍ପାଦକ ଦେବ ପ୍ରସାଦ ରାୟ, ଗାନ୍ଧି ଶାନ୍ତି ଫାଉଣ୍ଡେସନର ଆବାହକ ଡଃ. ବିଶ୍ୱଜିତ ରାୟ, ରାଷ୍ଟ୍ରୀୟ ଯୁବା ସଂଗଠନର କେନ୍ଦ୍ର କମିଟି ସଭ୍ୟ ମାନସ ପଟ୍ଟନାୟକ, କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ, ସାମାଜିକ କର୍ମୀ ଆଦିକନ୍ଦ ରାଉଳ, ନିଶାନିବାରଣ କମିଟି ନେତ୍ରୀ ଦ୍ରୌପଦୀ ରାଉତ ପ୍ରମୁଖ ମଙ୍ଗଳବାର ଖରସ୍ରୋତା ବନ୍ଧ ଆନ୍ଦୋଳନକାରୀ ଏବଂ ଏହି ପ୍ରକଳ୍ପର କ୍ଷତିଗ୍ରସ୍ତ ଲୋକମାନଙ୍କୁ ଭେଟିବା ପାଇଁ ଆଳି-ରାଜକନିକା ଅଞ୍ଚଳ ଗସ୍ତକରି ସେଠାକାର ସାଧାରଣ ଲୋକ ଓ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି କେନ୍ଦ୍ରାପଡା ଜିଲ୍ଲା ସଦର ମହକୁମାକୁ ଫେରିଆସିଥିଲେ । ଅପରାହ୍ନରେ ଏହି ନେତୃତ୍ୱ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ଭେଟି ଖରସ୍ରୋତା ନଦୀ ଜଳ ପ୍ରକଳ୍ପକୁ ନେଇ ସୃଷ୍ଟି ହୋଇଥିବା ଆନ୍ଦୋଳନ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ଏହି ନେତୃତ୍ୱମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଏହି ପ୍ରକଳ୍ପରୁ କମ୍ପାନୀକୁ ପାଣି ଦିଆଯିବ ନାହିଁ, ଆଳି-ରାଜକନିକା ଅଞ୍ଚଳକୁ ଜଳ ପ୍ରକଳ୍ପ ଏକ ସମୟରେ ଚାଲିବ, ବ୍ୟାରେଜ ନିର୍ମାଣ ପାଇଁ ସରକାରଙ୍କୁ ସୁପାରିଶ କରାଯାଇଛି ଓ ଏକ ସର୍ବପକ୍ଷ ଆଲୋଚନାରେ ଜିଲ୍ଲାପାଳ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# କରୋନାରେ ଆଉ ୬୬ ଜଣଙ୍କର ମୃତ୍ୟୁ , ମୋଟ ମୃତ୍ୟୁ ସଂଖ୍ୟା ୬୮୨୩ ହେଲା

ଭୁବନେଶ୍ୱର:ରାଜ୍ୟରେ କରୋନାରେ ଆଉ ୬୬ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୬୮୨୩ ହୋଇ ଯାଇଛି ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୧୫ ଜଣ ମୃତ୍ୟୁବରଣ କରିଛନ୍ତି । ନୟାଗଡ ଜିଲ୍ଲାରୁ ୧୨ ଜଣ କେନ୍ଦ୍ରାପଡା ଜିଲ୍ଲାରୁ ୯ ଜଣ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାରେ ୫ ଜଣ ମୃତ୍ୟୁବରଣ କରିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ୪ ଜଣ ମୃତ୍ୟୁବରଣ କରିଛନ୍ତି । ଯାଜପୁର, ଖୋର୍ଦ୍ଧା ଓ ସମ୍ବଲପୁର ଜିଲ୍ଲାରେ ୩-୩ ଜଣ ମୃତ୍ୟୁବରଣ କରିଛନ୍ତି । ବାଲେଶ୍ୱର, ବରଗଡ, ବଲାଙ୍ଗୀର, ଜଗତସିଂହପୁର, ପୁରୀ ଜିଲ୍ଲାରୁ ୨-୨ ଜଣ ମୃତ୍ୟୁବରଣ କରିଛନ୍ତି । କୋରାପୁଟ ଜିଲ୍ଲାରେ ଜଣେ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

# ପୌର କାର୍ଯ୍ୟାଳୟରେ ବିଧାୟକ ଜାତୀୟ ପତାକା ଉତ୍ତୋଳନ କଲେ

କେନ୍ଦ୍ରାପଡ଼ା : ୭୫ତମ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା କେନ୍ଦ୍ରାପଡା ପୌରସଂସ୍ଥା କାର୍ଯ୍ୟାଳୟ ପରିସରରେ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ବୋଧନ ଦେଇଥିଲେ । ମହାତ୍ମାଗାନ୍ଧିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ସମାଜର କୁସଂସ୍କାରଠାରୁ ଦୂରରେ ରହି କେନ୍ଦ୍ରାପଡାର ବିକାଶ କରିବାକୁ କହିଥିଲେ ବିଧାୟକ ଶ୍ରୀ ବେହେରା । ଏହି ଉତ୍ସବରେ ପୌର ପ୍ରଶାସକ ତଥା ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳଙ୍କ ସମେତ ପୌରକର୍ମଚାରୀମାନେ ଉପସ୍ଥିତଥିଲେ ।କ୍ରୀଷ୍ଣା ମହାନ୍ତି ଡାକ୍ତରଖାନାରେ ଚିକିତ୍ସାଧିନ ଖରସ୍ରୋତା ନଦୀ ଜଳ ପ୍ରକଳ୍ପ ବିରୋଧୀ ଆନ୍ଦୋଳନର ଶ୍ରୀକାନ୍ତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ବୁଝିଲେକେନ୍ଦ୍ରାପଡ଼ା, ୧୭।୮ : ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଅଗ୍ନିକନ୍ୟା ମାଳତୀ ଛୋଧୁରୀଙ୍କ ସଂଗ୍ରାମୀ ସୁକନ୍ୟା କ୍ରୀଷ୍ଣା ମହାନ୍ତି ମଙ୍ଗଳବାର କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସେଠାରେ ଚିକିତ୍ସାଧିନ ଥିବା ଶ୍ରୀକାନ୍ତ ନାୟକଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ଓ ଖରସ୍ରୋତା ଆନ୍ଦୋଳନ ସମ୍ପର୍କରେ ପଚାରି ବୁଝିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ ରାଜକନିକା ଖରସ୍ରୋତା ନଦୀ ଜଳ ପ୍ରକଳ୍ପ ବିରୋଧରେ ଗରାପୁରଛକରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ୬ଦିନ କାଳ ଅନଶନକରିବା ପରେ ପୋଲିସ ଦ୍ୱାରା ଯୋରଜବରଦସ୍ତ ଶ୍ରୀକାନ୍ତଙ୍କୁ ଅନଶନସ୍ଥଳରୁ ଉଠାଇ ନିଆଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏବେ ଶ୍ରୀକାନ୍ତ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି ।

# ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା ରଥ

କନ୍ଧମାଳ,(ପିଏନ)- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ରାଜଶ୍ରୀ ପଟନାୟକଙ୍କ ଦ୍ୱାରା ଜିଲାର ଗ୍ରାମାଂଚଳ ଗୁଡିକରେ ମାନସିକ ସ୍ୱାସ୍ଥ୍ୟ ସଂମ୍ପର୍କିତ ସଚେତନତା ପାଇଁ ଏକ ସଚେତନତା ରଥାର ଶୁଭ ରଥ ଉଦ୍‌ଘାଟନ କରାଯାଇଛି । ଏହି ରଥ ଜିଲାର ଗ୍ରାମାଞ୍ଚଗ୍ରାମଂଚଳରେ ସଚେତନତାର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଭ୍ରମଣ କରିବ । ଏହି ଅବସରରେ ଜିଲାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନୋଡ଼ାଲ୍ ଅଫିସର ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.କଲ୍ୟାଣି ମିଶ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ଼.ବସନ୍ତ କୁମାର ପାତ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ଼.ପ୍ରଭାକର ସାହୁ , ଏନ୍.ଏଚ୍.ଏମ୍ ଜିଲା ପରିଚାଳକ ମନୋରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମକର୍ତା ,ଦଧିବାମନ ରଥ, ମଧୁମିତା ସାହୁ ଓ ଦେବାଶିଷ୍ ମିଶ୍ରଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମର ସୂଚନା ପ୍ରକାରେ,ବର୍ତମାନ ଅନ୍‌ଲାଇନ୍ ମାନସିକ ଶିକ୍ଷା ଭିତିକ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ୧୬ ତାରିକ ପର୍ଯ୍ୟନ୍ତ ଚାଲୁ ରହିବ ଏବଂ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷା , ଅଭିଜ୍ଞ ଚିକିତ୍ସକ ଓ ଅଭିଜ୍ଞ ପରାମର୍ଶ ଦାତାଙ୍କ ଦ୍ୱାରା ପ୍ରଦାନ କରାଯାଉଛି ।

# ରୋଟାରୀ ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ମାଗଣା ଚକ୍ଷୁ ଚିକିତ୍ସା ଶିବିର

କେନ୍ଦ୍ରାପଡ଼ା : ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଓ ତୁଳସୀ ଡ୍ରଗ୍ସ ଏଣ୍ଟରପ୍ରାଇଜେସ ର ମିଳିତ ଆନୁକୁଲ୍ୟରେ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଆୟବା ଠାରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲୋକମାନଙ୍କ ଚକ୍ଷୁ ପରୀକ୍ଷା କରାଯିବା ସହିତ ଆବଶ୍ୟକ ସ୍ଥଳେ କେତେକ ରୋଗୀଙ୍କ ଚକ୍ଷୁରେ ଅସ୍ତ୍ରୋପ୍ରଚାର ମଧ୍ୟ କରାଯାଇଥିଲା । ତୁଳସୀ ଗ୍ରୁପ ପକ୍ଷରୁ ମାଗଣା ବସ୍ତ୍ର ମଧ୍ୟ ବଣ୍ଟନ କରାଯାଇଥିଲା । ତୁଳସୀ ଗ୍ରୁପ ପକ୍ଷରୁ ତପନ ଦାସ ଲୋକସଭା ନିର୍ବାଚନ




ମଣ୍ଡଳୀ ଅନ୍ତର୍ଗତ ସମସ୍ତ ସ୍ଥାନରେ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ସହିତ ମାଗଣାରେ ସ୍ୱାସ୍ଥ୍ୟ ପରିକ୍ଷା ମଧ୍ୟ ନିୟମିତ ଭାବେ କରାଯିବ ।

# କନ୍ଧମାଳରେ ଜଣେ ଡାକ୍ତରଙ୍କ ସମେତ ୬ ଜଣ କୋଭିଡ୍ ଯୋଦ୍ଧା ସଂକ୍ରମିତ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାରେ ଜଣେ ଡାକ୍ତରଙ୍କ ସମେତ ୬ ଜଣ କରୋନା ଯୋଦ୍ଧା ସଂକ୍ରମିତ ହୋଇଛନ୍ତି । ଏହା ସହିତ ଜିଲ୍ଲାରେ ନୂଆ ୩୮ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି ସେମାନଙ୍କୁ ମିଶାଇ ଜିଲ୍ଲାରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫,୨୨୩ରେ ପହଂଚିଛି । ଏହି ସମସ୍ତ ଆକ୍ରାନ୍ତ ମାନଙ୍କ ମଧ୍ୟରୁ ୪,୮୩୪ ଜଣ (୯୨.୫୫%) ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଜିଲ୍ଲାରେ ଗତକାଲି ଫିରିଙ୍ଗିଆ ଅଂଚଳର ଆଉ ଜଣେ ୬୫ ବର୍ଷର ପୁରୁଷଙ୍କ କରୋନା ସଂକ୍ରମଣରେ ମୃତ୍ୟୁ ହୋଇଛି । ଏହାକୁ ମିଶାଇ ଜିଲ୍ଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୬ (୦.୫୦%)କୁ ବୃଦ୍ଧି ପାଇଛି । ଆଉ ୩୬୩ (୬.୯୫%) ଜଣ ସଂକ୍ରମିତ ବିଭିନ୍ନ କୋଭିଡ ହସପିଟାଲରେ ରହି ଚିକିତ୍ସିତ ହେଉଛନ୍ତି । ଆଜିର ଚିହ୍ନଟ ମାନଙ୍କ ମଧ୍ୟରୁ ଫୁଲବାଣୀ ପୌରାଂଚଳରେ ୩ ଜଣ ଚିହ୍ନଟ ହୋଇ ଥିବାବେଳେ ବାଲିଗୁଡା ବିଜ୍ଞାପିତ ଅଂଚଳର ଜଣେ ଏବଂ ଗ୍ରାମାଂଚଳର ୨ ଜଣ ଚିହ୍ନଟ ହୋଇଛନ୍ତି ।

# ଦେବେନ୍ଦ୍ର ମହାପାତ୍ରଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର: ରାଜ୍ୟ ବିଜେପିର ପ୍ରଥମ ସାଧାରଣ ସଂପାଦକ (ସଂଗଠନ) ତଥା ଉତ୍କଳ ପ୍ରାନ୍ତର ପୂର୍ବତନ ସହ କାର୍ଯ୍ୟବାହ ଦେବେନ୍ଦ୍ର ମହାପାତ୍ରଙ୍କ ଗତକାଲି ସଂଧ୍ୟାରେ ଭୁବନେଶ୍ୱର ସ୍ଥିତ ବାସଭବନରେ ଦେହାନ୍ତ ହୋଇଯାଇଛି । ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ବରିଷ୍ଠ ନେତା ସଜ୍ଜନ କୁମାର ଶର୍ମା, ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ନେତୃବୃନ୍ଦ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସବଳକଣା ଗ୍ରାମରେ ଜନ୍ମିତ ସ୍ୱର୍ଗତଃ ମହାପାତ୍ର ପ୍ରଥମେ ଓକିଲାତି ପେଶାରୁ କାର୍ଯ୍ୟ ଆରମ୍ଭ କରିଥିଲେ । ରାଷ୍ଟ୍ରବାଦୀ ବିଚାରାଧାରାରେ ଅନୁପ୍ରାଣିତ ହୋଇ ସ୍ୱର୍ଗତଃ ମହାପାତ୍ର ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ସହିତ ଯୋଡି ହୋଇ ପରବର୍ତୀ ସମୟରେ ଉତ୍କଳ ପ୍ରାନ୍ତର ସହ କାର୍ଯ୍ୟବାହ ଦାୟୀତ୍ୱ ନିର୍ବାହ କରିଥିଲେ । ଭାରତୀୟ ଜନତା ପାର୍ଟୀର ପ୍ରଥମ ସାଧାରଣ ସଂପାଦକ (ସଂଗଠନ)ର ଦାୟୀତ୍ୱକୁ ସୁଚାରୁ ରୂପେ ନିର୍ବାହ କରି ଦଳୀୟ ସଂଗଠନକୁ ତୃଣମୁଳ ସ୍ତରରେ ପହଂଚାଇବାରେ ତାଙ୍କର ଅଗ୍ରଣୀ ଭୂମିକା ଚିର ସ୍ମରଣୀୟ ହୋଇ ରହିବ । ଜଣେ ସୁସଂଗଠକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସ୍ୱର୍ଗତଃ ମହାପାତ୍ର ପାର୍ଟୀ କାର୍ଯ୍ୟକର୍ତାଙ୍କ ପାଇଁ ସର୍ବଦା ପ୍ରେରଣା ହୋଇ ରହିବେ । ସ୍ୱର୍ଗତଃ ମହାପାତ୍ରଙ୍କ ବିୟୋଗ ସମାଜ ପାଇଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କରିଛି ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଗଭୀର ଶୋକ ବ୍ୟକ୍ତ କରି କହିଛନ୍ତି ।ସ୍ୱର୍ଗତଃ ମହାପାତ୍ରଙ୍କ ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କର ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ରାଜ୍ୟ ବିଜେପି ତରଫରୁ ଶ୍ରୀ ମହାନ୍ତି ସମବେଦନା ଜ୍ଞାପନ କରିଛନ୍ତି ।

# ମଦ୍ରାସା ବୋର୍ଡ ପରୀକ୍ଷା ଫଳ ପ୍ରକାଶିତ

ଭୁବନେଶ୍ୱର: ଓଡ଼ିଶା ମଦ୍ରାସା ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାହିର(ଯୁକ୍ତ-୨)ର ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି । ଏହି ମାହିର ପରୀକ୍ଷାରେ ୫୮ ଜଣ ରେଗୁଲାର ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସମସ୍ତ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି ଏବଂ ୩୪୭ ଜଣ ପ୍ରାଇଭେଟ୍ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୩୪ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଛନ୍ତି । ମୋଟ ୪୦୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୯୨ ଜଣ ପରୀକ୍ଷାର୍ଥୀ ଉତୀର୍ଣ୍ଣ ହୋଇଥିବାବେଳେ ପାସ୍ ହାର ୯୬.୭ ପ୍ରତିଶତ ରହିଛି । ଭଦ୍ରକ ଜିଲ୍ଲାର ଶେଖ ସରଫରାଜ୍ ଆଲମ୍ ଏହି ପରୀକ୍ଷାରେ ୮୨.୫ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ।

# ସ୍ୱାସ୍ଥ୍ୟ ସେବା ନାଁ ରେ ଟିକସ ଦାତାଙ୍କ ଅର୍ଥ ହରିଲୁଟ କରୁଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର: ବିଜୁ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାକୁ ନେଇ ରାଜ୍ୟ ସରକାରଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଛି କଂଗ୍ରେସ । ଆଜି କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର ଦର୍ଶାଇଛନ୍ତି ଯେ ନିର୍ବାଚନ ଆସିଲେ ବିଜୁ ଜନତା ଦଳ ସରକାରର ବିଭିନ୍ନ ଯୋଜନା କଥା ମନେପଡ଼ିଥାଏ । ଏହି ମର୍ମରେ ୭୫ତମ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ର ସ୍ମାର୍ଟକାର୍ଡ ପ୍ରଚଳନ କରି ଓଡ଼ିଶାର ୩କୋଟି ୩୦ଲକ୍ଷ ହିତାଧିକାରୀ, ପୁରୁଷଙ୍କୁ ୫ଲକ୍ଷ ଓ ମହିଳାଙ୍କୁ ୧୦ଲକ୍ଷ ହିସାବରେ ଲାଭ ମିଳିବ ବୋଲି ୨୦୧୮ ମସିହା ଅଗଷ୍ଟ ୧୫ ତାରିଖରେ ଘୋଷଣା କରିଥିବା ପୁରୁଣା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ନୂଆ ରୂପ ଦେଇଛନ୍ତି ଯାହାକି ଆଗାମୀ ପଂଚାୟତ ଓ ପୌରନିର୍ବାଚନକୁ ଲକ୍ଷ ରଖି ପୁରୁଣା ବହିରେ ନୂଆ ମଲାଟ ମଡ଼ାଇଛନ୍ତି । ଦୀର୍ଘ ଦୁଇଦଶନ୍ଧିରେ ଶାସନରେ ରହିମଧ୍ଯ ସରକାର ନୂଆ ପ୍ରାଥମିକ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲିବାତ ଦୂରର କଥା ଅଧିକାଂଶ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ନାହାନ୍ତି । ସରକାରଙ୍କ ଆତ୍ମଘୋଷଣା ସର୍ବସ୍ୱ ଯୋଜନା ବିଜୁ ସ୍ୱାସ୍ଥ୍ୟ କଲ୍ୟାଣରେ ୧୮୩ ଗୋଟି ପଂଜିକୃତ ଘରୋଇ ଚିକିତ୍ସାଳୟ ଓ ଓଡ଼ିଶାର ସମସ୍ତ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସରକାରୀ ମେଡିକାଲ କଲେଜ ହସପିଟାଲରେ ୭୦ ଲକ୍ଷରୁ ଉର୍ଦ୍ଧ ପରିବାର ପିଛା ବାର୍ଷିକ ୫ ଲକ୍ଷ ଓ ମହିଳା ସଦସ୍ୟ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ସୁବିଧା ପାଇପାରିବେ । ଏହି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ୧୩୫୩ କୋଟି ଟଙ୍କାକୁ ମିଶାଇ ବିଗତ ତିନିବର୍ଷରେ ସରକାର ତିନି ହଜାର କୋଟି ଟଙ୍କା ଅର୍ଥ ବରାଦକରି ଖର୍ଚ୍ଚ କରିଛନ୍ତି । ବିଧାନ ସଭାରେ ଗତ ୧୫.୩.୨୦୨୧ ରେ ସରକାରଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁହେବା ଠାରୁ ରାଜ୍ୟରେ କେତେ ପୁରୁଷ ଓ ମହିଳା ହିତାଧିକାରୀ ଉପକୃତ ହୋଇଥିବା ପ୍ରଶ୍ନର ଜବାବରେ ସରକାରଙ୍କ ଉତର ରାଜ୍ୟବାସୀଙ୍କୁ ବିସ୍ମିତ କରିଛି । ସରକାରଙ୍କ ଜବାବ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲାଗୁ ହେବା ଠାରୁ ରାଜ୍ୟରେ ୧୫ କୋଟି ୬୦ଲକ୍ଷ ୮୮୪ ଜଣ ପୁରୁଷ ଓ ମହିଳା ଉପକୃତ ହୋଇଛନ୍ତି । ଏହି ସଂଖ୍ୟାକୁ ଆଧାର କରି କଂଗ୍ରେସ ମୁଖପାତ୍ର ଶ୍ରୀ ମହାପାତ୍ର ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ଯେ ମାତ୍ର ୨ ବର୍ଷ ୬ ମାସ ମଧ୍ୟରେ ଓଡ଼ିଶାର ସମୁଦାୟ ଜନସଂଖ୍ୟାର ୪ ଗୁଣା ଲୋକ ଏହି ଯୋଜନାର ଲାଭାର୍ଥି ହେଲେ କିପରି ? ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ହିତାଧିକାରୀଙ୍କ ହିସାବରୁ ସ୍ପଷ୍ଟ ବୁଝାପଡୁଛି ସରକାର କେଉଁଭଳି ଭାବେ ଭୂତ ହିତାଧିକାରୀ ଲାଭାର୍ଥିଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି ଓ ଏଥିରେ ଦୁର୍ନୀତିର ସ୍ପଷ୍ଟ ଗନ୍ଧ ଜଣାପଡୁଛି । ଏଣୁ ସରକାର ମାନିଥିବା ପିସି କାରବାର ଅନୁଯାୟି ଏହି ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମଧ୍ୟ ବ୍ୟାପକ ଘୋଟାଲା ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ କେଉଁମାନେ ପ୍ରକୃତ ସ୍ୱାସ୍ଥ୍ୟକଲ୍ୟାଣ ଯୋଜନାର ଲାଭାର୍ଥି ତାର ସିଏଜି ଅଡିଟ କରିବା ସହିତ ଏହାର ସ୍ୱଚ୍ଛତା ପାଇଁ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି କଂଗ୍ରେସ କହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ରଜନୀ ମହାନ୍ତି ଓ ସଂଯୋଜକ ଦୀପକ ମହାପାତ୍ର ଉପସ୍ଥିତ ଥିଲେ ।

# ପୁରୀ ଏବଂ ରାଉରକେଲା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର: ରାଉରକେଲା ଏବଂ ପୁରୀ ମଧ୍ୟରେ ଏକ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବା ପାଇଁ ରେଳବାଇ ପକ୍ଷରୁ ନିଷ୍ପତି ନିଆଯାଇଛି ।ପୂର୍ବ ତଟ ରେଳବାଇ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ ଏହି ସୂଚନା ଦିଆ ଯାଇଛି । ମିଳିଥିବା ସୂଚନା ଅନୁସାରେ ରାଉରକେଲା ଠାରୁ ଏହି ଟ୍ରେନ୍ ଅଗଷ୍ଟ ମାସ ୨୪ ତାରିଖ ଠାରୁ ଛାଡି ପୁରୀ ଅଭିମୁଖେ ଯାତ୍ରା କରିବ ଏବଂ ପୁରୀରୁ ଅଗଷ୍ଟ ମାସ ୨୫ ତାରିଖ ଠାରୁ ଛାଡି ରାଉରକେଲା ଅଭିମୁଖେ ଯାତ୍ରା ପ୍ରାରମ୍ଭ କରି ପରବର୍ତୀ ପରାମର୍ଶ ପର୍ଯ୍ୟନ୍ତ ଚଳାଚଳ କରିବ । ରାଉରକେଲା ଠାରୁ ଏହି ଟ୍ରେନ୍ ପୂର୍ବାହ୍ନ ୮ଘ.୦୫ମି.ରେ ଛାଡିବାକୁ ଥିବାବେଳେ ପୁରୀ ଠାରୁ ଏହି ଟ୍ରେନ ଭୋର ୪ଘ.୩୫ମି.ରେ ଛାଡିବ ।ତାଳଚେର ଓ ସମ୍ବଲପୁର ରେଳ ସେକ୍ସନରେ ଦୋହରୀକରଣ କାର୍ଯ୍ୟ ସମ୍ପାଦନ ପାଇଁ ଏବଂ ଯାତ୍ରୀ ମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଏହି ଟ୍ରେନ କୁ ରାଉରକେଲା ଓ ସମ୍ବଲପୁର ମଧ୍ୟରେ ଚଳାଚଳ କରାଇବାପାଇଁ ମଧ୍ୟ ନିଷ୍ପତି ନିଆଯାଇଅଛି । ଏହି ଟ୍ରେନ ଅଗଷ୍ଟ ମାସ ୧୩ ତାରିଖ ଠାରୁ ୨୩ ତାରିଖ ମଧ୍ୟରେ ରାଉରକେଲାରୁ ଛାଡି ସମ୍ବଲପୁର ଯାତ୍ରାକରିବାକୁ ଥିବାବେଳେ ଏହା ଅଗଷ୍ଟ ମାସ ୧୪ ତାରିଖ ଠାରୁ ୨୪ ତାରିଖ ମଧ୍ୟରେ ସମ୍ବଲପୁର ଠାରୁ ଛାଡି ରାଉରକେଲା ଯାତ୍ରା କରିବ ।

# ୧୦ ଦିନ ହେଲା ପାନୀୟ ଜଳଯୋଗାଣ ବନ୍ଦ, ଚାଉପଲ୍ଲୀ ଗ୍ରାମବାସୀ ହନ୍ତସନ୍ତ

ଖଣ୍ଡପଡା:ଖଣ୍ଡପଡା ବ୍ଲକ ଅଧିନ ମର୍ଦ୍ଦରାଜପୁର ପଂଚାୟତର ଚାଉପଲ୍ଲୀ ଗ୍ରାମବାସୀ ୧୦ ଦିନ ଧରି ପାଇପ ଲାଇନ ଯୋଗେ ପାନୀୟଜଳ ପାଇବାରୁ ବଂଚିତ ହୋଇଥିବା ଜଣାପଡିଛି । ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପମ୍ପ ହାଉସରେ ଯାନ୍ତ୍ରିକ ତୃଟି ସାଙ୍ଗକୁ ବିଦ୍ୟୁତ ସମସ୍ୟାକୁ ନେଇ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି । ଫଳରେ ଗ୍ରାମବାସୀ ସ୍ୱଚ୍ଛ ପାନୀୟ ଜଳ ମୁନ୍ଦେ ପାଇବାରୁ ବଂଚିତ ହୋଇଛନ୍ତି । ପାଇପ ଲାଇନ ଯୋଗେ ଜଳଯୋଗାଣ ବନ୍ଦ ଯୋଗୁଁ ଗ୍ରାମବାସୀ ଆଖପାଖ ଅଂଚଳରେ ଥିବା କୂପ ଓ ପୋଖରୀରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି । ଏବେ ବର୍ଷାଋତୁ ଯୋଗୁଁ ପୋଖରୀ ଓ କୂପର ପାଣି ଗୋଳିଆ ହୋଇଥିଲେ ହେଁ ପରିସ୍ଥିତି ଦୃଷ୍ଟିରୁ ଗ୍ରାମବାସୀ ବାଧ୍ୟ ହୋଇ ଦୂଷିତ ପାଣିକୁ ଦୈନିକ ବ୍ୟବହାର କରୁଛନ୍ତି । ଉପରୋକ୍ତ ସମସ୍ୟା ସଂପର୍କରେ ଗ୍ରାମବାସୀ ମର୍ଦ୍ଦରାଜପୁର ପଂଚାୟତ କର୍ତୃପକ୍ଷ, ସରପଂଚ, ବିଭାଗୀୟ କନିଷ୍ଠଯନ୍ତ୍ରୀ ଓ ଖଣ୍ଡପଡା ବ୍ଲକ କର୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ମାତ୍ର କେହିହେଲେ ପାନୀୟ ଜଳ ସମସ୍ୟା ସମାଧାନ ଦିଗରେ ଧ୍ୟାନ ଦେଉନୁ ନଥିବାରୁ ଗ୍ରାମବାସୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏଥିପ୍ରତି ଖଣ୍ଡପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କର୍ତୃପକ୍ଷ ଧ୍ୟାନ ଦେବାକୁ ଚାଉପଲ୍ଲୀ ଗ୍ରାମବାସୀ ଦାବି କରିଛନ୍ତି । ତେବେ ଏଥିପ୍ରତି ଖଣ୍ଡପଡା ବ୍ଲକ କନିଷ୍ଠଯନ୍ତ୍ରୀ ସୁବ୍ରତ କୁମାର ସାହୁ ଦୃଷ୍ଟି ଦେବେ ବୋଲି କହିଛନ୍ତି ।

# ପଛୁଆ ବର୍ଗ ସ୍ଥାନ ସଂରକ୍ଷଣ ନେଇ ବିଜେପିର ଅଭିଯୋଗ ମନଗଢା: ବିଜେଡି

ଭୁବନେଶ୍ୱର: ବିଜେପି ନେତା ପିତାମ୍ବର ଆଚାର୍ଯ୍ୟ ଜଣେ ଅଭ୍ୟାସଗତ ମିଛୁଆ ଏବଂ ତାଙ୍କ କଥାକୁ କେହି ଗମ୍ଭୀରତାର ସହ ଗ୍ରହଣ କରନ୍ତି ନାହିଁ । ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ଦ୍ୱାରା ପଛୁଆ ବର୍ଗ ପାଇଁ ୨୭% ସଂରକ୍ଷଣ ସମ୍ପର୍କରେ ସେ ପୁଣିଥରେ ମିଥ୍ୟା ଓ ମନଗଢା କଥା କହିଥିବା ଦର୍ଶାଇଛନ୍ତି ବିଜେଡି ମୁଖପାତ୍ର ଲେନିନ ମହାନ୍ତି । ବିଜେପି ସାମ୍ବାଦିକ ସମ୍ମିଳନୀର ଜବାବ ଦେଇ ବିଜେଡି ମୁଖପାତ୍ର ଶ୍ରୀ ମହାନ୍ତି କହିଛନ୍ତି ଯେ ଯେତେବେଳେ ନିର୍ବାଚନ ଆସେ ସେତେବେଳେ ସେ ନିଜ ଚେହେରା ଦେଖାନ୍ତି ଏବଂ ପରବର୍ତୀ ନିର୍ବାଚନ ଆସିବା ପର୍ଯ୍ୟନ୍ତ ଅଦୃଶ୍ୟ ହୋଇଯାଆନ୍ତି । ଶ୍ରୀ ଆଚାର୍ଯ୍ୟ ମିଛ କହିବାରେ ଏତେ ଅଭ୍ୟସ୍ତ ଯେ ବର୍ତମାନ ଓଡ଼ିଶା ବିଜେପି ତାଙ୍କୁ ମିଛ କହିବା ପାଇଁ ବ୍ୟବହାର କରୁଛି ଏବଂ ଶ୍ରୀ ଆଚାର୍ଯ୍ୟ ମଧ୍ୟ ଏହି ବ୍ୟବହାରରେ ଅଭ୍ୟସ୍ତ ହେଉଛନ୍ତି ବୋଲି ଶ୍ରୀ ମହାନ୍ତି କହିଛନ୍ତି ।

# ପଛୁଆବର୍ଗମାନଙ୍କୁ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି ରାଜ୍ୟସରକାର : ବିଜେପି

ଭୁବନେଶ୍ୱର: ରାଜ୍ୟର ୫୨ ଭାଗରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଓବିସିମାନଙ୍କ ପ୍ରତି ଓ ସେମାନଙ୍କ ସାମ୍ବିଧାନିକ ଅଧିକାର ପ୍ରତି ରାଜ୍ୟସରକାରଙ୍କ ଆଦୌ ଆନ୍ତରିକତା ନାହିଁ । ରାଜ୍ୟ ସରକାର ଜାଣି ଜାଣି ପଛୁଆ ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଂଚିତ କରୁଛନ୍ତି ବୋଲି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ ଅଭିଯୋଗ କରିଛନ୍ତି ।ମଙ୍ଗଳବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ନିକଟରେ ଓଡିଶା ପବ୍ଲିକ୍ ସର୍ଭିସ୍ କମିଶନଙ୍କ ତରଫରୁ ବିଭିନ୍ନ ସରକାରୀ ଚାକିରୀ ପ୍ରକାଶିତ ବିଜ୍ଞପ୍ତିରେ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଥିବାର ଘୋଷଣା କରୁଥିବାବେଳେ ବାସ୍ତବ କ୍ଷେତ୍ରରେ ତାହା ୪ ପ୍ରତିଶତରୁ ମଧ୍ୟ କମ୍ । ନିଯୁକ୍ତି ପାଇଁ ସଦ୍ୟ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ରାଜ୍ୟ ସରକାରଙ୍କ ଅଧିନରେ ଥିବା ଶିକ୍ଷା, ସ୍ୱାସ୍ଥ୍ୟ, ମତ୍ସ୍ୟ ଓ ପଶୁସଂପଦ ଆଦି ବିଭାଗରେ ସମୁଦାୟ ୭୬୩୩ଟି ପଦବୀ ମଧ୍ୟରୁ ମାତ୍ର ୨୮୮ଟି ଓବିସିଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଉଲ୍ଲେଖ ରହିଛି । ଯାହାକି କେବଳ ୩.୭୭ ପ୍ରତିଶତ ଅଟେ । ଏଥିରୁ ରାଜ୍ୟ ସରକାରଙ୍କ ମିଥ୍ୟା ପ୍ରଚାର ପଦାରେ ପଡିଛି ।କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ମୋଦି ସରକାର ୨୭ ଜଣ ପଛୁଆ ବର୍ଗଙ୍କୁ ପ୍ରତିନିଧିତ୍ୱ ଦେଇଥିବେଳେ ରାଜ୍ୟ ସରକାରଙ୍କ ମନ୍ତ୍ରୀମଣ୍ଡଳରେ ପଛୁଆ ବର୍ଗଙ୍କ ପ୍ରତିନିଧିତ୍ୱ ଅତ୍ୟନ୍ତ ନଗଣ୍ୟ । ଓବିସି ବର୍ଗଙ୍କୁ ସଶକ୍ତ ଓ ଆତ୍ମନିର୍ଭର କରିବା ପାଇଁ ଉଦ୍ଦିଷ୍ଟ ଓବିସି ଡେଭେଲପମେଂଟ ଏଣ୍ଡ ଫାଇନାନ୍ସ କୋଅପରେଟିଭ କରପୋରେସନ ତରଫରୁ ଗତ ୨୦୦୮ ମସିହାରୁ ୨୦୨୧ ମସିହା ପର୍ଯ୍ୟନ୍ତ ଜଣେ ବି ପଛୁଆ ବର୍ଗ ହିତାଧିକାରୀଙ୍କୁ ଋଣ କିମ୍ବା ଆର୍ଥିକ ସହାୟତା କାହିଁକି ପ୍ରଦାନ କରାଯାଉ ନାହିଁ । ଅନ୍ୟ ରାଜ୍ୟମାନେ ଏହି ଯୋଜନାର ସୁଲାଭ ତାଙ୍କ ରାଜ୍ୟବାସୀଙ୍କୁ ଯୋଗାଇ ଦେଉଥିବାବେଳେ ଓଡିଶା ସରକାର କାହିଁକି ବ୍ୟବସ୍ଥା କରୁନାହାନ୍ତି ବୋଲି ଶ୍ରୀ ବିଶ୍ୱାଳ ପ୍ରଶ୍ନ କରିଛନ୍ତି । ବହୁ ବିଳମ୍ବରେ ଗଠିତ ରାଜ୍ୟ ଓବିସି କମିଶନ କଣ କରୁଛି ? କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଜ୍ୟ ସରକାରଙ୍କୁ ବାରମ୍ବାର ଚିଠି ଦେବା ପରେ ରାଜ୍ୟ ସରକାର ଯେଉଁ ଓବିସି କମିଶନ ଗଠନ କଲେ, ସେ କମିଶନ ଓବିସିଙ୍କ କଲ୍ୟାଣ ପାଇଁ କଣ ସୁପାରିଶ କରିଛନ୍ତି ଏବଂ ରାଜ୍ୟ ସରକାର ସେହି ସବୁ ସୁପାରିଶକୁ କେତେ ଦୂର କାର୍ଯ୍ୟକାରୀ କରିଛନ୍ତି ତାହା ରାଜ୍ୟ ସରକାର ସ୍ପଷ୍ଟୀକରଣ ଦେବା ଉଚିତ୍ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି ।ଜଣଙ୍କ ସାମ୍ବିଧାନିକ ଅଧିକାରରୁ ତାକୁ ଅଧିକ ଦିନ ବଂଚିତ କରି ରଖାଯାଇପାରିବ ନାହିଁ । ଯେତେ ଷଡଯନ୍ତ୍ର କଲେ ମଧ୍ୟ ଓବିସିବର୍ଗଙ୍କ ବିକାଶ ଓ ସାମ୍ବିଧାନିକ ଅଧିକାରକୁ ରାଜ୍ୟ ସରକାର ସରକାର ରୋକି ପାରିବେ ନାହିଁ । ମଧ୍ୟ ରାଜ୍ୟ ସରକାର କାର୍ଯ୍ୟକାରୀ ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନ ।

# ନୟାଗଡ ଜିଲା ଯୁବ ଓ ଛାତ୍ର କଂଗ୍ରେସ ତରଫରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରଣପୁର (ପି.ଏନ) : ଆଜି ଅପରାହ୍ନରେ ରଣପୁରର କେରଣ୍ଡାଟାଙ୍ଗି ସ୍ଥିତ ବାଳକୃଷ୍ଣ ବିଦ୍ୟାପୀଠ ପରିସରରେ ନୟାଗଡ ଜିଲ୍ଲା ଯୁବ କଂଗ୍ରେସ ଓ ଓଡିଶା ପ୍ରଦେଶ ଛାତ୍ରକଂଗ୍ରେସ ତରଫରୁ ବୃକ୍ଷ ହିଁ ଜୀବନ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଓଡିଶା ଯୁବ ଶାଖା ରାଜ୍ୟ ସଭାପତି, ଯୁବନେତା ସତ୍ୟବ୍ରତ ନାୟକ ଯୋଗଦେଇ ଆଜି ବୃକ୍ଷ ହିଁ ଜୀବନ କାର୍ଯ୍ୟକ୍ରମକୁ ଆରମ୍ଭ କରି ଆଗାମୀ ଦିନରେ ରଣପୁର ଓ ନୟାଗଡ ଜିଲ୍ଲା ସାରା ବ୍ୟାପକ ବୃକ୍ଷରୋପଣ କରିବା ପାଇଁ ନିଷ୍ପତି ନେଲେ । ଏହି କାର୍ଯ୍ୟକ୍ରମ ଆଜିଠୁ ଶୁଭାରମ୍ଭ ହେଲା ।

# ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ କନିଷ୍ଠ କିରାଣୀଙ୍କ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡ଼ା : କେନ୍ଦ୍ରାପଡା ଜିଲ୍ଲାର ରାଜନଗରସ୍ଥିତ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଜନୈକ କନିଷ୍ଠ କିରାଣୀ ନିହାର ରଞ୍ଜନ ନାୟକଙ୍କ କାର୍ଯ୍ୟକଳାପକୁ ନେଇ ଚର୍ଚ୍ଚା ଜୋର ଧରିଛି । ସଂପୃକ୍ତ କନିଷ୍ଠ କିରାଣୀ ଜଣଙ୍କ ଇସି ବାହାର କରିବାକୁ ବହୁ ମୋଟା ଅଙ୍କର ଅର୍ଥ ଲାଞ୍ଚ ମାଗୁଥିବା ବେଳେ କାର୍ଯ୍ୟାଳୟ ଭିତରେ ମଦ୍ୟ ପାନ କରି ସାଧାରଣ ଲୋକମାନଙ୍କୁ ଅସଦ ବ୍ୟବହାର କରୁଥିବା ନେଇ ଅଭିଯୋଗ ହୋଇଛି । ଏସମ୍ପର୍କରେ ରାଜନଗର ଉପନିବନ୍ଧକଙ୍କ କାର୍ଯ୍ୟାଳୟର ମୋହରିର ସଙ୍ଘ ଓ କାର୍ଯ୍ୟାଳୟକୁ ଜମି ଖର୍ଦ୍ଦି ବିକ୍ରୀ କରିବାକୁ ଆସୁଥିବା ସାଧାରଣ ଲୋକମାନେ ଏ ନେଇ ଅଭିଯୋଗ କରିଛନ୍ତି । ସଂପୃକ୍ତ କନିଷ୍ଠ କିରାଣୀଙ୍କ କାର୍ଯ୍ୟକଳାପକୁ ନେଇ ଲୋକମାନେ ତ୍ରାହୀ ତ୍ରାହୀ ଡାକୁଥିବା ଦେଖିବାକୁ ମିଳିଛି । ତୁରନ୍ତ ସଂପୃକ୍ତ କନିଷ୍ଠ କିରାଣୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି ।

# ଶବ ନେଇ ଆମ୍ବୁଲାନ୍ସ ଠିଆ ହେଲା ୬ ଘଣ୍ଟା, ପ୍ରଶାସନ ହସ୍ତକ୍ଷେପରେ ଅନ୍ୟତ୍ର ହେଲା ସଂସ୍କାର

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲା ଫିରିଙ୍ଗିଆଠାରେ ଜଣେ କରୋନା ସଂକ୍ରମିତଙ୍କର ମୃତ୍ୟୁ ହେବାପରେ ପ୍ରଶାସନ ତରଫରୁ ଅସ୍ଥାୟୀ ଭାବରେ ନିର୍ଦ୍ଧାରଣ କରାଯାଇଥିବା ଶ୍ମସାନରେ ଶବଦାହ କରିବାକୁ ବିରୋଧ କରି ଅଂଚଳବାସୀ ଶବ ନେଇଥିବା ଆମ୍ବୁଲାନ୍ସକୁ ୬ ଘଣ୍ଟା ଧରି ଅଟକାଇବା ସହିତ ସେଠାରେ ଶବଦାହ କରିବାକୁ ବିରୋଧ କରିବାରୁ ଅଡୁଆରେ ପଡିଥିଲେ ମୃତକଙ୍କ ପରିବାର ଲୋକେ । ଫଳରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପହଂଚି ଲୋକଙ୍କୁ ବୁଝାସୁଝା କରିବାପରେ ମଧ୍ୟ ସେଠାରେ ଥିବା ଲୋକମାନେ ସବୁବେଳେ ଯାତାୟାତ କରୁଥିବାରୁ ସେଠାରେ କୋଭିଡ୍ ରୋଗୀର ଶବକୁ ପୋଡିବାକୁ ବିରୋଧ କରିଥିଲେ । ଫଳରେ ପ୍ରଶାସନ ଓ ପୋଲିସ ଉଦ୍ୟମରେ ଅନ୍ୟ ଏକ ଜନଶୂନ୍ୟ ତଥା ଜନବସତି ଠାରୁ ଦୂରବର୍ତି ସ୍ଥାନରେ ଶବକୁ ସଂସ୍କାର କରାଯାଇଛି । ସୂଚନା ଅନୁସାରେ, ଗତକାଲି ଫୁଲବାଣୀ କୋଭିଡ ହସାପିଟାଲରେ ଚିକିତ୍ସିତ ଅବସ୍ଥାରେ ଫିରିଙ୍ଗିଆ ଅଂଚଳର ଭାଗବତ ବେହେରା(୬୫)ଙ୍କର ମୃତ୍ୟୁ ହୋଇଥିଲା । କୋଭିଡ ହସପିଟାଲ କର୍ତୃପକ୍ଷ ଆଜି ଭୋର ସମୟରେ ମୃତକଙ୍କର ପରିବାର ଲୋକଙ୍କ ଘରକୁ ନେଇ ଏକ ଆମ୍ବୁଲାନ୍ସରେ ଶବକୁ ହସ୍ତାନ୍ତର କରିବା ସହିତ ଫିରିଙ୍ଗିଆରେ ପ୍ରଶାସନ ଦ୍ୱାରା ଅସ୍ଥାୟୀ ଭାବରେ ସ୍ଥିରିକୃତ ଶ୍ମସାନରେ ଶବକୁ ଦାହ ସଂସ୍କାର କରିବାକୁ ନେଇଥିଲେ । ଏହା ଜାଣିବାରେ ସେହି ଆଖପାଖରେ ଥିବା ମଝିପଡା, ଫିରିଙ୍ଗିଆ ଉପରପଡା, ନାହାନାଗାଁ, ଘାଟିସାହି ଆଦି ଅଂଚଳରେ ଥିବା ଲୋକମାନେ ସେଠାରେ କରୋନା ରୋଗୀଙ୍କ ଶବ ଦାହ କରିବାକୁ ବିରୋଧ କରିବା ସହିତ କିଛି ସମୟପାଇଁ ସେହି ଅଂଚଳରେ ଥିବା ମଝିପଡା ଘାଟି ନିକଟ ରାସ୍ତାରେ ରାସ୍ତାରୋକ କରିଥିଲେ । ଫଳରେ ସେଠାରେ ଥିବା କାଶୀନିପଦର ଓ ଫିରିଙ୍ଗିଆ ରାସ୍ତାରେ ଯାତାୟାତ ବନ୍ଦ ହୋଇଯାଇଥିଲା । ଖବର ପାଇବାପରେ ସେଠାରେ ଫିରିଙ୍ଗିଆ ତହସିଲଦାର ପୁନମ ରାଉତ ଏବଂ ଫିରିଙ୍ଗିଆ ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ ପୁଲିସ ଫୋର୍ସ ସହ ସେଠାରେ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ । ସେଠାରେ ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ସହାୟତାରେ ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରାଯାଇଥିଲା । ହେଲେ ସେମାନେ ଏଥିରେ ରାଜି ନହେବାରୁ ମଝିପାଡା ଘାଟି ନିକଟରେ ଥିବା ଏକ ନିରୋଳା ଯାଗାରେ ଶବକୁ ସଂସ୍କାର କରାଯାଇଥିଲା । ମୃତ ଭାଗବତ ବେହେରା ଫିରିଙ୍ଗିଆ ଅଂଚଳର ଜଣେ ଜଣାଶୁଣା ବ୍ୟବସାୟୀ ହୋଇଥିବାରୁ ତାଙ୍କ ବିୟୋଗରେ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଶୋକରେ ଆଜି ଫିରିଙ୍ଗିଆର ସମସ୍ତ ଦୋକାନ ବଜାର ବନ୍ଦ ରହିଛି ।

# ଖେଳ



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Wednesday August 18, 2021 ଭୁବନେଶ୍ୱର ବୁଧବାର, ଅଗଷ୍ଟ ୧୮,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


## ଚଣ୍ଡିଖୋଲର ବିଭିନ୍ନ ସ୍ଥାନରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ




ଚଣ୍ଡିଖୋଲ:ଚଣ୍ଡିଖୋଲ ର ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି.ବଡ଼ଚଣା ବ୍ଲକ କାର୍ଯ୍ୟାଳୟରେ ପଂଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ ପତାକା ଉତ୍ତୋଳନ କରି ମିଳିତ ପରେଡ ରେ ଅଭିବାଦନ ଗ୍ରହଣ କରିଥିଲେ.ବ୍ଲକ ଉନୟନ ଅଧିକାରୀ ଅଜିତ ପ୍ରସାଦ ନାରାୟଣ ଗିରିଙ୍କୁ ସମେତ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ.ବିଜେଡି ଦଳୀୟ କାର୍ଯ୍ୟାଳୟରେ ବିଧାୟକ ଅମର ପ୍ରସାଦ ଶତପଥି ,ଚଣ୍ଡିଖୋଲ କୋର୍ଟ ରେ ସବ ଜଜ ବିଷ୍ଣୁ ପ୍ରସାଦ ମିଶ୍ର ପତାକା ଉତୋଳନ କରିଥିବା ବେଳେ ଯେମଏଫସି ସୌମ୍ୟରଂଜନ ପୃଷ୍ଟ ଓ ଯେମଫସ ତସଲିମ ଦାସ ଙ୍କ ସହ ବାର କାଉନସିଲର ସଭାପତି ଦେବରାଜ ବେହେରା ଓ ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ .ପ୍ରେସ କ୍ଲବ ଚଣ୍ଡିଖୋଲ ରେ ସଭାପତି ପ୍ରଦୀପ୍ତ କୁମାର ପରିଡା ପତାକା ଉତୋଳନ କରିଥିବା ବେଳେ ସମ୍ପାଦକ ଦିଲୀପ କୁମାର ମହାନ୍ତି ,ବରିଷ୍ଠ ସଭ୍ୟ ବେଣୁଧର ପଣ୍ଡା ,ଶିବରାମ ସାହୁ ,ଅଭିମନ୍ୟୁ ଧଳ,ପ୍ରଶାନ୍ତ ଜେନା ,ମୋହନ ଖିଲାର ,ସଞ୍ଜୟ ସ୍ୱାଇଁ ,ଦେବବ୍ରତ ଦେବତା ,ମହେଶ୍ୱର ରାଉତ ,ଭାରତ ଭୂଷଣ ପଣ୍ଡା ,ସୁରେନ୍ଦ୍ର ସାମଲ ,ମିହିର ରାୟ,ହେମନ୍ତ ଜେନା ,ସେକ ସବୀର ,ମସିର ଆଲାମ ,ନରେନ୍ଦ୍ର ରାଉତ ଓ ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ .ଚଣ୍ଡିଖୋଲ କଲେଜରେ ଅଧ୍ୟକ ବୀରେନ୍ଦ୍ର କୁମାର ମିଶ୍ର ,ଅଗ୍ନିଶାମ ସେବା କେନ୍ଦ୍ରରେ ପ୍ରଭାକର ସାହୁ ,ବଡ଼ଚଣା ଥାନାରେ ଥାନାଧିକାରୀ ପ୍ରିୟବ୍ରତ ରାଉତ ,ବଡ଼ଚଣା ମେଡିକାଲ୍ରେ ଡ଼ଃ ରଶ୍ମି ରଞ୍ଜନ ପଶାୟତ ,ଚଣ୍ଡିଖୋଲ ଫାଣ୍ଡିରେ ଚିତ୍ତରଞ୍ଜନ ଜେନା ,ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପରିବହନ ଅଧିକାରୀ କେଶବ ଚ ନାୟକ ,ଟ୍ରାଫିକ ଥାନାରେ ଥାନାଧିଆକାରୀ ଶ୍ରବଣ ମହାରଣା ,ଟ୍ରକ ମାଲିକ କର୍ଯ୍ୟାଳୟରେ ସଭାପତି ବିଭୁତି ଭୂଷଣ ଜେନା ,ବରିଷ୍ଠ ନାଗରିକ ମାଞ୍ଚକାର୍ଯ୍ୟଳୟ ଚଣ୍ଡିଖୋଲ ରେ ସଭାପତି ଶେଷଦେବ ନାୟକଓ ସମ୍ପାଦକ ହେମନ୍ତ ସାମଲ ଓ ଚିତ୍ତରଞ୍ଜନ ମହାପାତ୍ର ,ସତ୍ୟସାଇ ବାଳବିକାଶ କେନ୍ଦ୍ର ନିଶିମଲାରେ ସାଇ ଆଶ୍ରିତ ଶିବରାମ ସାହୁ ,ବଡ଼ଚଣା କଂଗ୍ରେସ କାର୍ଯ୍ୟାଳୟ ଚଣ୍ଡିଖୋ ରେ କଂଗ୍ରେସ ନେତା ଅଜୟ ସାମଲ ପତାକା ଉତ୍ତୋଳନ କରିଥିବା ବେଳେ ମାନଭଂଜନ ରାଉତରେ,ସଞ୍ଜୟ କର ,ବିଶ୍ୱପ୍ରକାଶ ସାମଲ ,ଉପେନ୍ଦ୍ର ବ୍ରହ୍ମଓ ନିରଞ୍ଜନ ସାମଲ ଉପସ୍ଥିତ ଥିଲେ .ରାଜୀମେମୋରିଆଲ ସେଣ୍ଟର ଚଣ୍ଡିଖୋଲରେ ଯୁବ କଂଗ୍ରେସ ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଓ ସାର୍ଟ ଚନ୍ଦ୍ର ଜେନା ,ଚାରବାଟିଆ ଦୁର୍ଗାମନ୍ଦିର ରେ ପ୍ରତାପ ଗୋଚ୍ଛାୟତ ,ପ୍ରୟାଶ କାର୍ଯ୍ୟାଳୟରେ ସଭାପତି ଆଶିଷ ମହାପାତ୍ର ,ଆଗାମୀ ବଡ଼ଚଣା କାର୍ଯ୍ୟାଳୟରେ ଆମ୍ବୁଜ କୁମାର ରାଉତ ,ହୋଲି ଯେସସ ବିଦ୍ୟାଳୟରେ କାମିନୀ ନାୟକ ପତାକା ଉତ୍ତୋଳନ କରି ମିଳିତ ପେରେଡ ରେ ଅଭିବାଦନ ଗ୍ରହଣ କରିଥିଲେ.ସେହପରି ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ସରପଂଚ ମାନେ ପତାକା ଉତ୍ତୋଳନ କରିଥିଲେ .

## ତୁଣ୍ଡ ଖୋଲିଲାରୁ ମୁଣ୍ଡ ଗଡିଲା- ପୂର୍ବତନ ବ୍ଲକ ଅଧ୍ୟକ୍ଷ

କାକଟପୁର: କାକଟପୁର କଂଗ୍ରେସରେ ବର୍ତମାନ ଗୋଷ୍ଠୀ କନ୍ଦଳ ମୁଣ୍ଡ ଟେକିବାରେ ଲାଗିଛି। ଗତକାଲି ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ କଂଗ୍ରେସ ସଭାପତି ରାଜକିଶୋର ସାହୁ ଦଳ ବିରୋଧି କାର୍ଯ୍ୟ ନେଇ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିପିନ ବିହାରୀ ମହାନ୍ତିଙ୍କୁ ୬ବର୍ଷ ପାଇଁ ଦଳରୁ ବହିଷ୍କାର କରାଗଲା ବୋଲି ଏକ ପ୍ରେସ ବିବୃତି ବିଜ୍ଞପ୍ତି ଯାରି କରିଥିଲେ। ଉକ୍ତ ଖବର ପ୍ରଚାରିତ ହେବା ପରେ କାକଟପୁର କଂଗ୍ରେସରେ ଏକ ପ୍ରକାର ଆଲୋଡନ ସୃଷ୍ଟି ହୋଇଥିଲା। ଶ୍ରୀ ମହାନ୍ତିଙ୍କ ସମର୍ଥକମାନେ ଏହାକୁ ଦୃଢ ବିରୋଧ କରିବା ସହିତ ଆଗାମୀ ଦିନରେ କାକଟପୁର ନିର୍ବାଚନ ମଣ୍ଡଳୀରେ ଦଳର ଅଧପତନ ଘଟିବ ବୋଲି ଚେତାବନି ଦେଇଥିଲେ। ଅପରପକ୍ଷରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶ୍ରୀ ମହାନ୍ତିଙ୍କୁ ଏ ସଂକ୍ରାନ୍ତରେ ପଚାରିବାରେ ସେ କହିଥିଲେ-ସେ ଜଣେ ସଚ୍ଚା କଂଗ୍ରେସ କର୍ମୀ। ଦୀର୍ଘ ୧୦୦ବର୍ଷ ହେବ ତାଙ୍କ ପରିବାର କଂଗ୍ରେସ ଦଳରେ ରହିଛନ୍ତି। ଯେଉଁମାନେ ଘୋଷଣା କରିଛନ୍ତି ନିମାପଡା ଠାରୁ ଅସ୍ତରଙ୍ଗ ପର୍ଯ୍ୟନ୍ତ ଯେଉଁ ରାସ୍ତା କାମ ଚାଲିଛି ସେ ଅତ୍ୟନ୍ତ ନିମ୍ନମାନର ହୋଇଛି ବୋଲି ମୁଁ ଅଭିଯୋଗ କରିଥିଲି। କିନ୍ତୁ ବ୍ଲକ କଂଗ୍ରେସର କିଛି ନେତା କାମକରୁଥିବା ଠିକାଦାରଙ୍କ ଠାରୁ ମୋଟା ଅଙ୍କର ଅର୍ଥ ନେଇ ମୋ ତୁଣ୍ଡକୁ ଲଗାମ ଦେବାକୁ ଚେଷ୍ଟା କରିଥିଲେ ଯେଉଁଥିପାଇଁ ମୋ ମୁଣ୍ଡ ଆଜି ଗଡିଛି। ହେଲେ ଯେଉଁମାନେ ବିଭ୍ରାନ୍ତିକର ବାର୍ତା ଦେଇଛନ୍ତି ସେମାନଙ୍କୁ ଭବିଷ୍ୟତରେ ମୁଁ କଂଗ୍ରେସ ଦଳକୁ ଆଣିଥିଲି। ସେମାନଙ୍କର ଦଳ ଉପରେ କିଛି ଅଭିଜ୍ଞତା ନାହିଁ। ଏପରିକି ସେମାନେ ୱାଡମେମ୍ବର ଜିତିବାରେ ଯୋଗ୍ୟତା ନାହିଁ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ଅତି ଉତ୍ସାହର ସହିତ ପାଳନ



ଭୁବନେଶ୍ୱର : ଆଲୁମିନିୟମ ଏବଂ ମୂଲ୍ୟଯୁକ୍ତ ଉତ୍ପାଦ କ୍ଷେତ୍ରରେ ଭାରତର ସର୍ବ ବୃହତ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ୭୫ତମ ସ୍ୱାଧୀନତା ଦିବସ ଏହାର ଲାଞ୍ଜିଗଡ଼ ଏବଂ ଝାରସୁଗୁଡ଼ା ୟୁନିଟ୍‌ରେ କର୍ମଚାରୀ, ସହଭାଗୀ ଏବଂ ସ୍ଥାନୀୟ ସାମାଜିକ ସଦସ୍ୟଙ୍କ ଦ୍ୱାରା ଅତି ଉତ୍ସାହର ସହିତ ପାଳନ କରାଯାଇଛି। କମ୍ପାନୀର ସୁରକ୍ଷା କର୍ମୀଙ୍କ ଦ୍ୱାରା ହୋଇଥିବା ଚମତ୍କାର ପରେଡ଼ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା। ଡେପୁଟି ସିଇଓ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ଜାତୀୟ ପତାକା ଉତୋଳନ କରିଥିଲେ। ସୁରକ୍ଷା ଦଳର ଶ୍ରେଷ୍ଠ ପ୍ରଦର୍ଶନକାରୀଙ୍କୁ ପୁରସ୍କାର ବିତରଣ ସହିତ ବୃକ୍ଷରୋପଣ ଏବଂ ସ୍ଥାନୀୟ ସମ୍ପ୍ରଦାୟଙ୍କ ସହିତ ଏହି ଉତ୍ସବ ପାଳନ କରାଯାଇଥିଲା। ସ୍ୱାଧୀନତା ଦିବସ ଦେଶର ଗ୍ରାମୀଣ ଅଂଚଳରେ ବେଦାନ୍ତ ଦ୍ୱାରା ମହିଳା ଏବଂ ଶିଶୁ ବିକାଶ କେନ୍ଦ୍ରକୁ ନନ୍ଦଘର ଭାବେ ଆଧୁନିକୀକରଣ କରାଯାଇଥିବା ପ୍ରାୟ ୪୦ଟି ଅଙ୍ଗନୱାଡ଼ିର ହିତାଧିକାରୀ, ଗ୍ରାମ ସରପଂଚ, ୱାର୍ଡ ସଦସ୍ୟଙ୍କ ସହ ମଧ ପାଳନ କରାଯାଇଛି। ଏହି ଅବସରରେ ବେଦାନ୍ତ ଲିମିଟେଡର ଆଲୁମିନିୟମ ବ୍ୟବସାୟ, ସିଇଓ ରାହୁଲ ଶର୍ମା, କହିଲେ, ଆଲୁମିନିୟମ ଭାରତର ଗୁରୁତ୍ୱପୂର୍ଣ୍ଣ ଧାତୁ। ଏହା ପ୍ରତିରକ୍ଷା, ,ଏରୋସ୍ପେସ୍, ଅଟୋମୋବାଇଲ୍, ଭିତିଭୂମି ଏବଂ ନିର୍ମାଣ, ବିଦ୍ୟୁତ୍‌କରଣ ଆଦି ପ୍ରମୁଖ କ୍ଷେତ୍ରରେ ବ୍ୟବହୃତ ହୋଇଥାଏ। ଭାରତର ସର୍ବ ବୃହତ ଆଲୁମିନିୟମ ଉତ୍ପାଦନକାରୀ ଭାବେ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଅଭିନବତା ଏବଂ ମୂଲ୍ୟଯୁକ୍ତ ଉତ୍ପାଦ ମାଧ୍ୟମରେ ଭାରତକୁ ଆଲୁମିନିୟମ ରାଜଧାନୀ କରିବା ପାଇଁ ଏକ ମିଶନ ପ୍ରସ୍ତୁତ କରିଛି। ସ୍ୱାଧୀନତା ଦିବସ ଅବସରରେ, ଆମେ ଆଲୁମିନିୟମ ଭଳି ଗୁରୁତ୍ୱପୂର୍ଣ୍ଣ କଂଚାମାଲ ଦ୍ୱାରା ଦେଶର ଆତ୍ମନିର୍ଭରଶୀଳତା ଲକ୍ଷ୍ୟ ପୂରଣ ସହିତ ବିଶ୍ୱର ପ୍ରମୁଖ କ୍ଷେତ୍ର ଭାବେ ଗଢ଼ି ତୋଳିବା ସହିତ ଦୀର୍ଘସ୍ଥାୟୀ ସ୍ଥିତି ସୃଷ୍ଟି ସହିତ ବିକଶିତ ଆର୍ ଆଣ୍ଡ୍ ଡି ତଥା ଉନ୍ନତ ଜ୍ଞାନକୌଶଳ ଓ ଦକ୍ଷ ମାନବସମ୍ବଳ ସହାୟତାରେ ଦେଶର ଧାର୍ଯ୍ୟ ଲକ୍ଷ୍ୟ ପୂରଣ ଲାଗି ପ୍ରୟାସ ଜାରି ରଖିବାର ପ୍ରତିଶ୍ରୁତିବଦ୍ଧତା ଏବଂ ସଂକଳ୍ପ ଜାରି ରହିଛି। ଆଲୁମିନିୟମ ସମ୍ପ୍ରତି ଦୁନିଆର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ଧାତୁ ଭାବେ ଖ୍ୟାତି ହାସଲ କରିଛି। ଏହାର ଚାହିଦା ଏରୋସ୍ପେସ, ପ୍ରତିରକ୍ଷା, ଅଟୋମୋବାଇଲ ଏବଂ ବୈଦ୍ୟୁତିକ ଯାନ, ବିଦ୍ୟୁତିକରଣ, ବିଲ୍ଡିଂ ଏବଂ ନିର୍ମାଣ, ଅକ୍ଷୟ ଶକ୍ତ ଆଦି ବିଭିନ୍ନ କ୍ଷେତ୍ରରେ ରହିଛି। ସମ୍ପ୍ରତି ପୃଥିବବୀର ବିଭିନ୍ନ ଦେଶ ତଥା କମ୍ପାନୀଗୁଡିକ ନୂତନ ଉତ୍ପାଦନର ଗନ୍ତବ୍ୟ ସ୍ଥାନ ଖୋଜୁଥିବାବେଳେ ଘରୋଇ ଆଲୁମିନିୟମ ଶିଳ୍ପକୁ ଭାରତ ସରକାରଙ୍କ ଦ୍ୱାରା ଚାମ୍ପିଅନ ସେକ୍ଟର ଭାବରେ ବିବେଚନା କରାଯାଏ ଘୋଷଣା କରାଯାଇଛି। ସ୍ୱଦେଶୀ ସ୍ପେସ୍ ପ୍ରୋଗ୍ରାମ, ସ୍ମାର୍ଟ ସିଟି, ଜାତୀୟ ଭିତିଭୂମି ଯୋଜନା, ସୁଲଭ ମୂଲ୍ୟରେ ଭଡା ଘର କମ୍ପ୍ଲେକ୍ସ (ଆରଏଚସି) ସ୍କିମ, ୧୦୦% ଗ୍ରାମୀଣ ବିଦ୍ୟୁତକରଣ, ଅକ୍ଷୟ ଶକ୍ତି ଆଦିରେ କ୍ଷେତ୍ରରେ ଏହାର ଅନେକ ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଉଦୀୟମାନ ଭାରତ ଗଠନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି। ସ୍ୱାଧୀନତା ଦିବସ ଅବସରରେ ବେଦାନ୍ତ ପକ୍ଷରୁ ଏକ ବିଜ୍ଞାପନ ଚଳଚ୍ଚିତ୍ର 'ଆତ୍ମନିର୍ଭର ଭାରତ କେ ଲିୟେ' ଏବଂ ଏକ ମ୍ୟୁଜିକ ଭିଡିଓ 'ହମ ହିନ୍ଦୁସ୍ଥାନୀ' ପ୍ରସ୍ତୁତ କରାଯାଇଛି। ସାମାଜିକ-ଆର୍ଥିକ ବିକାଶ ଏବଂ ଦାରିଦ୍ର୍ୟ ଦୂରୀକରଣର ଜାତୀୟ ଆକାଂକ୍ଷାକୁ ରୁଦ୍ଧିମନ୍ତ ପାଇଁ 'ଆତ୍ମନିର୍ଭର ଭାରତ ବିଜ୍ଞାପନ ଚଳଚ୍ଚିତ୍ର ଭାରତର ସମ୍ପୂର୍ଣ୍ଣ ଖଣିଜ ସମ୍ପଦର ବିନିଯୋଗ ସମ୍ଭାବନାକୁ ପ୍ରତିଫଳିତ କରିଛି। ଦେଶର ପ୍ରାକୃତିକ ସମ୍ପଦର ବିନିଯୋଗ ଦ୍ୱାରା ଭାରତ ଆତ୍ମନିର୍ଭରଶୀଳ ହେବାର ଶକ୍ତି ରଖିଛି। ଏହା ଭାରତର ଲକ୍ଷ୍ୟ ପୂରଣ କ୍ଷେତ୍ରରେ ୧ ଟ୍ରିଲିୟନ ଡଲାର ଯୋଗଦାନ କରିବାମୁ ସକ୍ଷମ। ଘରୋଇ କମ୍ପାନୀଙ୍କ ପାଇଁ ସୁଯୋଗ ସୃଷ୍ଟି ଦ୍ୱାରା ଶିଳ୍ପକୁ ଉଦାରୀକରଣ କରିବାକୁ ଲକ୍ଷ୍ୟ ରଖି ଖଣି ନୀତିରେ ଆବଶ୍ୟକ ସଂସ୍କାର ଦ୍ୱାରା ୫ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି ହୋଇପାରିବ। ଏହା ସହିତ ଆସନ୍ତା ୫ ବର୍ଷ ମଧ୍ୟରେ ଭାରତର ଖଣିଜ ଉତ୍ପାଦନ ୨୦୦% ବୃଦ୍ଧି ହେବା ସହିତ ଖଣିଜ ପଦାର୍ଥରେ ସୃଷ୍ଟି ହୋଇଥିବା ବାଣିଜ୍ୟ ନିଅଂଟ ୫୦% ହ୍ରାସ ପାଇପାରିବ। ଚଳଚ୍ଚିତ୍ରଟି ଦେଖିବା ପାଇଁ ଷଡ୍ଢଡ୍ଢକ୍ସ://ଛକ୍ଟଙ୍କଢ୍ଢଙ୍କ.ଭର/ ଲ୨ଜ୍ଞଉଉର୍ଗ୮କ୍ଷ୮ୟଓ ୱେବସାଇଟ୍‌କୁ ଆକ୍ସେସ୍ କରନ୍ତୁ।ଦ୍ୱିତୀୟ ଚଳଚ୍ଚିତ୍ର 'ହମ ହିନ୍ଦୁସ୍ଥାନୀ' ହେଉଛି ଏକ ମ୍ୟୁଜିକ ଭିଡିଓ। ଏହା ଭାରତୀୟ ସଙ୍ଗୀତ ଇଣ୍ଡଷ୍ଟ୍ରିର ଷ୍ଟାଲୱାର୍ଟ ଏବଂ ବେଦାନ୍ତ ରିସୋର୍ସର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କ ଦ୍ୱାରା ଗାନ କରାଯାଇଛି। ଏହି ଗୀତ ଦେଶରେ ମହାମାରୀ ବିରୋଧରେ ଜାରି ରହିଥିବା ଲଢ଼େଇ ସମୟରେ ସମଗ୍ର ଦେଶକୁ ସଶକ୍ତ କରିବା ସହିତ ଏକତା ଏବଂ ମାନବିକତା ଆଦର୍ଶରେ ବାନ୍ଧି ରଖିବା ଲାଗି ପ୍ରସ୍ତୁତ କରାଯାଇଛି। ଏହି ମ୍ୟୁଜିକ ଭିଡିଓକୁ ଷଡ୍ଢଡ୍ଢକ୍ସ:// ଛ କ୍ଟ ଙ୍କ ଢ୍ଢ ଙ୍କ . ଭ ର / ଐହଙ୍ଗଡଗଙ୍କର୧ଟଜ୍ଞଗ ୱେବସାଇଟ୍‌ରେ ଦେଖାଯାଇ ପାରିବ।ବେଦାନ୍ତ ଆଲୁମିନିୟମ ବ୍ୟବସାୟ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ,ବେଦାନ୍ତ ଲିମିଟେଡର ଏକ ଅଂଶବିଶେଷ। ୨୦୨୧ ଆର୍ଥିକ ବର୍ଷରେ ଏହାର ବାର୍ଷିକ ଉତ୍ପାଦନ କ୍ଷମତା ୧.୯୬ ମିଲିୟନ ଟନ ରହିଛି। ଏହା ଭାରତରେ ବ୍ୟବହୃତ ହେଉଥିବା ଆଲୁମିନିୟମର ଅଧା ଉତ୍ପାଦନ କରିଥାଏ। ମୂଲ୍ୟଯୁକ୍ତ ଆଲୁମିନିୟମ ଉତ୍ପାଦଗୁଡ଼ିକରେ ଏହା ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ୍ ରହିଛି। କମ୍ପାନୀ ଭବିଷ୍ୟତର ସବୁଜ ମେଟାଲ ଭାବେ ଆଲୁମିନିୟମ ବ୍ୟବହାର କରିବା ଲକ୍ଷ୍ୟ ପୂରଣ ପାଇଁ ମିଶନ ଜାରି ରଖିଛି।

## ଆମୱେ ଓ ଏହାର ନ୍ୟୁଟ୍ରିଲାଇ ବର୍ଗ ପାଇଁ ଅଲିମ୍ପିକ ପଦକ ବିଜୟିନୀ ସାଇଖୋମ ମୀରାବାଇ ଚାନୁଙ୍କୁ ବ୍ରାଣ୍ଡ୍ ଆମ୍ବାସାଡର କଲା ଆମୱେ ଇଣ୍ଡିଆ




ଭୁବନେଶ୍ୱର : ଦେଶର ଅନ୍ୟତମ ଅଗ୍ରଣୀ ଏଫଏମସିଜି ପ୍ରତ୍ୟକ୍ଷ ବିକ୍ରୟକାରୀ କମ୍ପାନୀ ଆମୱେ ଇଣ୍ଡିଆ, ଏମାନୁଏଲ ଗ୍ଲୋବାଲ କନସଲଟାନ୍ସିଜ ଜରିଆରେ ଆମୱେ ଏବଂ ଏହାର ନ୍ୟୁଟ୍ରିଲାଇଟ ବର୍ଗର ଉତ୍ପାଦସମୂହ ପାଇଁ ଅଲିମ୍ପିକ ପଦକ ବିଜେତା ସାଇଖୋମ ମୀରାବାଇ ଚାନୁଙ୍କ ସହିତ ସହଭାଗିତା କରି ତାଙ୍କୁ ବ୍ରାଣ୍ଡଆମ୍ବାସାଡର ଭାବେ ଗ୍ରହଣ କରିଛି। ଆମୱେର ନ୍ୟୁଟ୍ରିଲାଇଟ ଡେଲି, ଓମେଗା ଏବଂ ଅଲ୍ ପ୍ଲାଣ୍ଟ ପ୍ରୋଟିନ ଆଦି ଅଗାଧିକାର ଉତ୍ପାଦଗୁଡିକର ସମସ୍ତ ପ୍ଲାଟଫର୍ମରେ ପ୍ରଚାର ଅଭିଯାନର ନେତୃତ୍ୱ ନେବେ ଚାନୁ। ଆମୱେ ପକ୍ଷରୁ ଏହାର ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାଧନ ଶ୍ରେଣୀ ଉପରେ ଦୃଷ୍ଟି କେନ୍ଦ୍ରିଭୂତ କରିବା, ବିଶେଷକରି ଦେଶର ମହିଳା ଓ ଯୁବବର୍ଗଙ୍କୁ ଲକ୍ଷ୍ୟରେ ରଖି ଆଗକୁ ବଢିବା ସକାଶେ ଆମୱେ ରଖିଥିବା ଲକ୍ଷ୍ୟ ମୁତାବକ ଅଲିମ୍ପିକ ବିଜୟିନୀ ଚାନୁଙ୍କ ସହିତ ସହଭାଗିତା କରିଛି। ଏହି ସହଭାଗିତା ସମ୍ପର୍କରେ ମତଦେଇ ଆମୱେ ଇଣ୍ଡିଆର ସିଇଓ ଶ୍ରୀ ଅଂଶୁ ବୁଧରାଜା କହିଛନ୍ତି, ନ୍ତଆମୱେ ଏବଂ ନ୍ୟୁଟ୍ରିଲାଇଟ ବିଶ୍ୱସ୍ତରରେ ପ୍ରାଦ୍ୟୋଗିକି, ସୁଯୋଗ, ମହିଳା ସଶକ୍ତିକରଣ, ପୁଷ୍ଟିସାଧନ ଏବଂ କଲ୍ୟାଣକାରିତା ଆଦି କ୍ଷେତ୍ରରେ ସର୍ବୋତ୍ତମର ପ୍ରତୀକ ହୋଇଛି। ମୀରାବାଇ ଚାନୁଙ୍କ ସହିତ ଆମର ସହଭାଗିତା ଏକ ସ୍ୱାଭାବିକ ପସନ୍ଦ। ସେ ଆମର ଆଶା, ପ୍ରତିବଦ୍ଧତା, ଆତ୍ମ ସଶକ୍ତିକରଣ, ସୁସ୍ଥ ଜୀବନ ଯାପନ ମୂଲ୍ୟବୋଧର ପ୍ରକୃଷ୍ଟ ଉଦାହରଣ ଏବଂ ସମ୍ପୂର୍ଣ୍ଣ ସୁସ୍ଥ ରହିବା ପ୍ରତି ତାଙ୍କର ପ୍ରତିବଦ୍ଧତା ଅତୁଳନୀୟ। ଏହା ତାଙ୍କୁ ସଂପୂର୍ଣ୍ଣ ସଠିକ ସହଭାଗି କରିଛି ଯାହା ଜନସାଧାରଣଙ୍କୁ ଉନ୍ନତ ଜୀବନ ନିର୍ବାହ କରିବା, ସୁସ୍ଥ ରହିବା ଦିଗରେ ଆମର ମୂଲ୍ୟବୋଧକୁ ପୁନଃ ପରିବର୍ଦ୍ଧିତ କରୁଛି।ନ୍ତନ୍ତସୁଶ୍ରୀ ଚାନୁଙ୍କ ସହିତ ଆମର ସହଭାଗିତା ମଧ୍ୟ ଆମର ଅତୁଳ୍ୟ ମହିଳା ନେତୃତ୍ୱଙ୍କ ଉଦ୍ଦେଶ୍ୟରେ ଏକ ସମ୍ମାନ ପ୍ରଦର୍ଶନ ହୋଇଛି, ଯେଉଁମାନେ ସମ୍ମୁଖ ଭାଗରେ ନେତୃତ୍ୱ ନେଉଛନ୍ତି ଏବଂ ସେମାନଙ୍କ ନିଜ ପାଇଁ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ଏବଂ ପରିଶେଷରେ ସମୁଦାୟ ସମାଜ ପାଇଁ ଭବିଷ୍ୟତ ପୁନଃ ପରିକଳ୍ପନା କରୁଛନ୍ତି। ପ୍ରତ୍ୟକ୍ଷ ବିକ୍ରେତାଙ୍କ ମଧ୍ୟରେ ୬୦%ରୁ ଅଧିକ ଅଂଶ ରହିଥିବା ମହିଳା ଓ ଯୁବବର୍ଗ ଏହି ଅତୁଲ୍ୟ ସଂଗଠନର କେନ୍ଦ୍ରବିନ୍ଦୁରେ ରହିଛନ୍ତି ଏବଂ ମହିଳା, ଆମ ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରାଦ୍ୟୋଗିକି ଦିଗରେ ପ୍ରତିବଦ୍ଧତାକୁ ଆଗେଇନେବା ଦିଗରେ ଆମକୁ ସହାୟତା କରିବାର କାରକ ପାଲଟିଛନ୍ତି,ନ୍ତ ବୋଲି ସେ କହିଥିଲେ। ତାଙ୍କର ସହଭାଗିତା ସମ୍ପର୍କରେ ପ୍ରକାଶ କରି ସୁଶ୍ରୀ ସାଇଖୋମ ମୀରାବାଇ ଚାନୁ କହିଥିଲେ, ନ୍ତନ୍ୟୁଟ୍ରିଲାଇଟ ଏକ ପ୍ରତିଷ୍ଠିତ ବ୍ରାଣ୍ଡ, ଯାହା ଖାଦ୍ୟ ପରିପୋଷଣ ପ୍ରତି ନିଜର ଉଦ୍ଭିଦ ଭିତ୍ତିକ ଆଭିମୁଖ୍ୟ ପାଇଁ ବିଶ୍ୱସ୍ତରରେ ସ୍ୱୀକୃତି ହାସଲ କରିଛି। ଜଣେ ବୃତ୍ତିଗତ କ୍ରୀଡାବିତ ଭାବରେ ମୁଁ ସର୍ବଦା ମୋର ଫିଟନେସ ଏବଂ ତଦ୍ୱାରା ମୋ କ୍ରୀଡାରେ ଉନ୍ନତି ଆଣିବାର ଉପାୟ ଅନୁଧ୍ୟାନ କରୁଛି। ତେଣୁ ଏକ ସମତୁଳ ଆହାର ଜରିଆରେ ସଠିକ ପୋଷଣ ମୋ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କ ଜୀବନକୁ ସୁସ୍ଥ କରି ଗଢିତୋଳିବାକୁ ପ୍ରତିବଦ୍ଧ ବିଶ୍ୱର ୧ ନମ୍ବର ଭିଟାମିନ୍ସ ଏବଂ ଖାଦ୍ୟ ପରିପୋଷଣ ବ୍ରାଣ୍ଡ୍ ନ୍ୟୁଟ୍ରିଲାଇଟ ସହିତ ହାତ ମିଳାଇବା ନେଇ ମୁଁ ଅତ୍ୟନ୍ତ ଉଲ୍ଲସିତ।ନ୍ତ ନୂଆକରି ସାମିଲ ହୋଇଥିବା ବ୍ରାଣ୍ଡ ଆମ୍ବାସାଡର ମୀରାବାଇ ଚାନୁଙ୍କ ସମ୍ପର୍କରେ ପ୍ରକାଶ କରି ଆମୱେ ଇଣ୍ଡିଆର ମୁଖ୍ୟ ମାର୍କେଟିଂ ଅଫିସର ଅଜୟ ଖାନ୍ନା କହିଛନ୍ତି, ନ୍ତରାଷ୍ଟ୍ର ଏହାର ଜନସାଧାରଣଙ୍କ ସ୍ୱାସ୍ଥ୍ୟର ନିର୍ମାଣ ଏବଂ ସେମାନଙ୍କ ରୋଗ ପ୍ରତିରୋଧ ଶକ୍ତି ସୁଦୃଢ କରିବା ଦିଗରେ ପ୍ରସ୍ତୁତ ହେଉଥିବାବେଳେ ମୀରାବାଇ ଚାନୁଙ୍କୁ ନ୍ୟୁଟ୍ରିଲାଇଟ ପରିବାରକୁ ସ୍ୱାଗତ କରିବା ନେଇ ଆମେ ଆନନ୍ଦିତ ଅଛୁ। ଫିଟନେସ୍ ପ୍ରତି ତାଙ୍କର ଅତୁଳନୀୟ ଏକାଗ୍ରତା ଏବଂ ଯୁବସୁଲଭ ଉଦ୍ଦାମତା, ନ୍ୟୁଟ୍ରିଲାଇଟ ପକ୍ଷରୁ ପ୍ରକୃତି ଓ ବିଜ୍ଞାନର ସର୍ବୋତ୍ତମକୁ ସର୍ବାଧିକ ସୁସ୍ଥତା ନିମନ୍ତେ ଯୋଗାଇଦେବା ନେଇ ରହିଥିବା ବିଶ୍ୱମାନର ଭାବମୂର୍ତ୍ତି ସହିତ ମେଳ ଖାଉଛି। ସୁଶ୍ରୀ ଚାନୁଙ୍କୁ ଆମର ବ୍ରାଣ୍ଡ୍ ଆମ୍ବାସାଡର ଭାବରେ ନେଇ ସମୁଦାୟ ଦେଶର ଯୁବ ଉପଭୋକ୍ତାଙ୍କ ସହିତ ଆମେ ଅଧିକ ମଜଭୁତ ଭାବରେ ସଂଯୁକ୍ତ ହେବାନେଇ ଦୃଢ ଆସ୍ଥା ରଖୁଛୁ।ନ୍ତପୁଷ୍ଟିସାଧନ ବର୍ଗରେ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ଆମୱେ ନିରନ୍ତର ଉତ୍ପାଦ କ୍ଷେତ୍ରରେ ନବୋନ୍ମେଷ ଏବଂ ଅନନ୍ୟ ବିହନଠାରୁ ପୋଷଣ ପର୍ଯ୍ୟନ୍ତ ପ୍ରକ୍ରିୟା ଜରିଆରେ ସ୍ୱାସ୍ଥ୍ୟ ଓ ରୋଗ ପ୍ରତିରୋଧ କ୍ଷେତ୍ରରେ ନିଜର ନେତୃତ୍ୱ ସ୍ଥାନ ଅଧିକରୁ ଅଧିକ ସୁଦୃଢ କରିବା ପ୍ରୟାସ ଜାରି ରଖିଛି। ଆମୱେର ଛାମୁଆ ବ୍ରାଣ୍ଡ ନ୍ୟୁଟ୍ରିଲାଇଟ, ପୋଷଣ କ୍ଷେତ୍ରରେ ଉଦ୍ଭିଦ ଭିତ୍ତିକ ପ୍ରଚେଷ୍ଟାରେ ଅଗ୍ରଣୀ ରହିବା ଏବଂ ସେଥିରେ ସଂପୂର୍ଣ୍ଣ ସଠିକତା ହାସଲ କରିବାରେ ୮୦ ବର୍ଷର ସଫଳ ପରମ୍ପରାରେ ସମୃଦ୍ଧ ହୋଇଛି। କମ୍ପାନୀ ନିକଟରେ ଚ୍ୟବନପ୍ରାସ ବାଇ ନ୍ୟୁଟ୍ରିଲାଇଟ ଏବଂ ନ୍ୟୁଟ୍ରିଲାଇଟ ଭିଟାମିନ ସି ଚେରି ପ୍ଲସ ପ୍ରଚଳନ କରିଛି, ଯାହା ଫୁଡ ଫର ସ୍ପେଶାଲ ଡାଏଟାରୀ ସପ୍ଲିମେଣ୍ଟ (ଏଫଏସଡିୟୁ) କ୍ଷେତ୍ରରେ ଏକ ଲକ୍ଷ୍ୟ ଆଧାରିତ ପରିପୋଷଣ ହୋଇଛି ଏବଂ ଏହାଦ୍ୱାରା କମ୍ପାନୀ ତାହାର ପୁଷ୍ଟିସାଧନ ବର୍ଗମାଳାକୁ ଅଧିକ ମଜଭୁତ କରିପାରିଛି। ଉପଭୋକ୍ତା ଚାହିଦାରେ ନିରନ୍ତର ପରିବର୍ତ୍ତନ ସହିତ ପୁଷ୍ଟିସାଧନ ବର୍ଗରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି ଏବଂ କମ୍ପାନୀର ମୋଟ ବ୍ୟବସାୟିକ ଆୟରେ ନ୍ୟୁଟିଲାଇଟର ଅଂଶ ୬୧%ରୁ ଅଧିକ ରହିଛି। ଏହି ଶ୍ରେଣୀରେ ଯଥେଷ୍ଟ ଅଭିବୃଦ୍ଧି ଘଟିବାକୁ ଯାଉଛି ଏବଂ ୨୦୨୪ ସୁଦ୍ଧା ମୋଟ ଆୟରେ ଏହାର ଅଂଶ ୬୫%ରୁ ଅଧିକ (୧୦% ସିଏଜିଆର ହାରରେ) ହେବା ଲକ୍ଷ୍ୟ ରଖାଯାଇଛି, ଯେଉଁଥିରେ ନ୍ୟୁଟ୍ରିଲାଇଟ ପାରମ୍ପରିକ ହର୍ବାଲ ଶ୍ରେଣୀର ଅବଦାନ ସିଂହଭାଗ ରହିବ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray